ଧରିତ୍ରୀ
DHARITRI

October 19-25, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ

# ରଙ୍ଗୋଲି ରାଜା

କଳା କ୍ଷେତ୍ରରେ ନାହିଁ ଲିଙ୍ଗଭେଦ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଏହି ପୁରୁଷ କଳାକାରମାନେ। ଝୋଟି ଓ ରଙ୍ଗୋଲିର ରଙ୍ଗବିଭାରେ ନିଜକୁ ହଜାଇ ଦେବା ସହ ଘର ଅଗଣାର ଏହି କଳାକୁ ବିଶ୍ୱ ଦରବାରରେ ପରିଚିତି ଦେଇଛନ୍ତି ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଘର ସଫା କଲାବେଳେ କେଉଁ ଜିନିଷ ମିଳିବା ଶୁଭ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଦୀପାବଳି ଅବସରରେ ଘରଦ୍ୱାର ସଫା କଲେ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ମାତୃକୃପା ଲାଭ ହୋଇଥାଏ। ଆଉ ଯଦି ଏହି ସଫା କରିବା ସମୟରେ ଶଙ୍ଖ, କଉଡ଼ି, ମୟୂରପୁଚ୍ଛ ଭଳି କିଛି ବିଶେଷ ଜିନିଷ ମିଳେ ତା'ହେଲେ ଏହାକୁ ଶୁଭ ସଙ୍କେତ ବୋଲି କୁହାଯାଇଥାଏ...**



**✲ ପଇସା ମିଳିବା:** ଦୀପାବଳି ପାଇଁ ଘରସଫା କଲାବେଳେ ଯଦି କୌଣସି ପୁରୁଣା ବାକ୍ସ ଅବା ଡବାରୁ ପଇସା ମିଳେ, ତା'ହେଲେ ଏହା ଆର୍ଥିକ ସ୍ଥିତିରେ ସୁଧାର ଆସିବାର ସଙ୍କେତ ଦେଇଥାଏ। ଏହି ପଇସାକୁ ହଠାତ୍ ଖର୍ଚ୍ଚ ନ କରି ବରଂ ନାଲି କପଡ଼ାରେ ଗୁଡ଼ାଇ ଆଲମାରୀରେ ରଖିଲେ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**✲ ଶଙ୍ଖ, କଉଡ଼ି ମିଳିବା:** ଦୀପାବଳି ପାଇଁ ଘରସଫା କଲାବେଳେ କଉଡ଼ି, ଶଙ୍ଖ ମିଳିବା ବି ଶୁଭ ସୂଚନା ଦିଏ। ଏହାକୁ ଗଙ୍ଗାଜଳରେ ଧୋଇ ଠାକୁର ଘରେ ରଖି ପୂଜାକଲେ ପ୍ରଭୁ ବିଷ୍ଣୁ ଓ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ମାନ୍ୟତା ରହିଛି।

**✲ ମୟୂରପୁଚ୍ଛ ମିଳିବା:** ମୟୂରପୁଚ୍ଛକୁ ବି ଘରସଫା କଲାବେଳେ ହଠାତ୍ ପାଇଲେ ଶୁଭ ଖବର ମିଳିବାର ସୂଚନା ମିଳେ ବୋଲି ବିଶ୍ୱାସ କରାଯାଏ। ଏହାକୁ ପରିଷ୍କାର କରି ପବିତ୍ର ମନରେ ଠାକୁର ଘରେ ରଖିଲେ ପରିବାର ସଦସ୍ୟଙ୍କ ଭିତରେ ସ୍ନେହ ଶ୍ରଦ୍ଧା ବୃଦ୍ଧିପାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

**✲ ନାଲି ବସ୍ତ୍ର:** ନାଲି ରଙ୍ଗକୁ ଉର୍ଜା, ସାହସ, ପ୍ରେମ, ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ଦୀପାବଳି ପାଇଁ ଘରସଫା କଲାବେଳେ କୌଣସି ମନ୍ଦିରର ନାଲି ଧ୍ୱଜା ଅବା ମା'ଙ୍କ ନାଲି ଓଢ଼ଣୀ କିମ୍ବା ବସ୍ତ୍ରର ଛୋଟ ଟୁକୁଡ଼ାଟିଏ ମିଳିଲେ ଏହା ମା'ଙ୍କ କରୁଣାପ୍ରାପ୍ତିକୁ ସୂଚାଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୯-୨୫, ୨୦୨୫**

**ମେଷ**

କାର୍ଯ୍ୟସିଦ୍ଧିରୁ ପ୍ରଫୁଲ୍ଲତା, ହିତୈଷୀଙ୍କ ସହାନୁଭୂତି, ଆକସ୍ମିକ ଦୂରଯାତ୍ରା, ପରିବାରରେ ତିକ୍ତତା, ବନ୍ଧୁଙ୍କ ସାନ୍ତ୍ୱନା ମିଳିବ, ସମସ୍ୟା ସୁଧୁରିଯିବ, ସାମାଜିକ ସମ୍ମାନ ପାଇବେ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ସାହିତ୍ୟ ରଚନାରେ ଅଗ୍ରଗତି ॥

**ବୃଷ**

ଆରୋଗ୍ୟଲାଭରୁ ଆଶ୍ୱସ୍ତି, ଶୁଭଖବର ପ୍ରାପ୍ତି, ମୂଲ୍ୟବାନ ଦ୍ରବ୍ୟ ଲାଭ, ପଡୋଶୀଙ୍କ ଅସହଯୋଗ, ଅଧ୍ୟୟନରେ ଉନ୍ନତି, ମାନସିକ ଚାପ ବଢିବ, ନୀଚ୍ଚସଂସର୍ଗରୁ ନିନ୍ଦା, ରଚନାତ୍ମକକାମରୁ ପ୍ରଶଂସା, ଧର୍ମକାର୍ଯ୍ୟରେ ନିଷ୍ଠା ॥

**ମିଥୁନ**

ଦୂରଯାତ୍ରାରେ ସମସ୍ୟା, ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ, ବନ୍ଧୁ ସହାୟତା କରିବେ, ଦ୍ରବ୍ୟ ନଷ୍ଟ ହୋଇପାରେ, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଭୂଲ କରି ଅନୁତାପ, ଗୁପ୍ତ ଶତ୍ରୁଙ୍କ ଚକ୍ରାନ୍ତ, ଭଲ କାମରୁ ପ୍ରଶଂସା, ତୀର୍ଥାଟନର ସୁଯୋଗ ॥

**କର୍କଟ**

ଶାରୀରିକ ଅସୁସ୍ଥତା, ମନ ଭାରାକ୍ରାନ୍ତ ରହିବ, ଧନହାନୀରୁ କ୍ଷୋଭ, ମିତ୍ରବନ୍ଧୁଙ୍କ କୁତ୍ସାରଟନା, ଘଟଣାର ସମୀକ୍ଷା କରିବେ, ପଡୋଶୀଙ୍କ ସହ ମତଭେଦ, ପାରିବାରିକ ଶାନ୍ତି ॥

**ସିଂହ**

ବନ୍ଧୁ ବତ୍ସଳତା, ପାରିବାରିକ ଶାନ୍ତି, ବନ୍ଧୁସମ୍ପର୍କରେ ତିକ୍ତତା, ଋଣ ପରିଶୋଧ କରିବେ, କ୍ରୀଡାକଳାରୁ ସମ୍ମାନ, ଉଚ୍ଚସମ୍ମାନର ସୁଯୋଗ,ଅନ୍ୟାୟ ବିରୋଧରେ ସ୍ୱର, ବ୍ୟବସାୟିକ ଉତ୍କର୍ଷତା, ଆନୁଷ୍ଠାନିକ କର୍ମାରମ୍ଭ ॥

**କନ୍ୟା**

ଆର୍ଥିକ ଅବନ୍ନତି, ପରିବାରର ଅସହଯୋଗ, କର୍ମକ୍ଷେତ୍ରରେ ପ୍ରଶଂସା,ବନ୍ଧୁଙ୍କ ସମାଲୋଚନା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥାନାନ୍ତରର ସୂଚନା, ଆବଦ୍ଧରୁ ମୁକ୍ତ ହେବେ, ଆତ୍ମସନ୍ତୋଷ ମିଳିବ, ପୈତୃକ ସମ୍ପତିରେ ବିବାଦ ॥

**ତୁଳା**

ନୂତନ ଯୋଜନାରମ୍ଭ, ଶାରୀରିକ ଅସୁସ୍ଥତା, ଭ୍ରାତୃ ବିବାଦରୁ ଅଶାନ୍ତି, ଭ୍ରମଣ ସୁଯୋଗ ଜୁଟିବ, ଅତିଥି ଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, ଅବହେଳାରୁ ଅନୁତାପ, ବ୍ୟବସାୟ ମନ୍ଦ ହେବନି, ସନ୍ତାନ ହେତୁକ ଗୌରବ ॥

**ବିଛା**

ବନ୍ଧୁଙ୍କ ହତାଦର, ସମ୍ପତିରେ ଟଣାଓଟରା, ସମାଲୋଚିତ ହୋଇପାରନ୍ତି, ସାମାଜିକ ନେତୃତ୍ୱରୁ ପ୍ରଶଂସା, ସ୍ୱାସ୍ଥ୍ୟହାନୀରୁ ଅସ୍ଥିରତା, ପରିବାରରେ ଅଶାନ୍ତ ବାତାବରଣ, ବାଣିଜ୍ୟରେ ଉନ୍ନତି, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ସତ୍‌ସଙ୍ଗର ସୁଯୋଗ ॥

**ଧନୁ**

ନୂତନ ପ୍ରକଳ୍ପାରମ୍ଭ, ଆର୍ଥିକ ଅଭିବୃଦ୍ଧି, ଆତ୍ମୀୟଙ୍କ ସହଯୋଗ, ଗୁରୁଜନଙ୍କ ପରାମର୍ଶ, ଯାନବାହନରେ କ୍ଷତି, ବ୍ୟବସାୟରୁ ଲାଭ, ଲେଖାପଢାରେ ଅଗ୍ରଗତି, ପ୍ରତିବନ୍ଧକ ଦୂର ହେବ, ପରିବହନରେ ସମସ୍ୟା ॥

**ମକର**

ପାରିବାରିକ ଶାନ୍ତି, ମିଥ୍ୟାଭିଯୋଗ ଆସିପାରେ, ଦୁର୍ବଳ ମାନସିକତା, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା, ଅର୍ଥସଂକଟରୁ ଅସ୍ଥିରତା, ଲୋକସମ୍ପର୍କ ବୃଦ୍ଧି, ଅନ୍ୟମନସ୍କ ରହିପାରନ୍ତି, ବିଦେଶ ଯାତ୍ରା, ମାଙ୍ଗଳିକ କର୍ମର ପ୍ରସ୍ତୁତି, ପିତୃବର୍ଗରେ ପୀଡା।

**କୁମ୍ଭ**

ସହକର୍ମୀଙ୍କ ସହଯୋଗ, ପରିବାରରେ ଭୁଲ୍ ବୁଝାମଣା, ରୋଗରେ ପୀଡା ଉପଶମ ହେବ, କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି, ବନ୍ଧୁଙ୍କୁ ସାହାଯ୍ୟ ମାଗିପାାରନ୍ତି, ଭାଇଙ୍କ ପାଇଁ ଦୁଶ୍ଚିନ୍ତା, ସଭାସମିତିକୁ ନିମନ୍ତ୍ରଣ, ନୂତନ ବନ୍ଧୁସମ୍ପର୍କ ସୃଷ୍ଟି ॥

**ମୀନ**

ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ, ଭ୍ରମଣ ସୁଯୋଗ ଜୁଟିବ, ମିଥ୍ୟା ଗୁଜବରେ ବିସ୍ମୟ, ସନ୍ତାନହେତୁକ ଗୌରବ, ବିବାଦଗ୍ରସ୍ତ ହେବେ, ସଙ୍ଗଦୋଷରୁ ସମାଲୋଚନା, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ, ଭ୍ରାତୃସମ୍ପର୍କରେ ଉନ୍ନତି ॥

# ଦୀପାବଳିରେ କେତୋଟି ଦୀପ ଜଳାଇପାରିବେ

**ପା**ପ ଉପରେ ପୁଣ୍ୟର, ଅନ୍ଧାର ଉପରେ ଆଲୋକର, ଅଶୁଭ ଉପରେ ଶୁଭର ବିଜୟପ୍ରାପ୍ତିର ପ୍ରତୀକ ଭାବେ ଦୀପାବଳିକୁ ଆମେ ପାଳିଥାଉ। ଏହିଦିନ ଘରେ ଘରେ ଦୀପ ଜଳାଯାଏ। ଦାଣ୍ଡ ଦୁଆରଠୁ ନେଇ ଠାକୁର ଘର ପର୍ଯ୍ୟନ୍ତ ସବୁଠି ଜଳୁଥାଏ ଦୀପ। ତେବେ ଏହି ପବିତ୍ର ଅବସରରେ ଆଉ କେଉଁଠି ଦୀପ ଜାଳିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...

ଦୀପାବଳିରେ ସର୍ବପ୍ରଥମେ ଠାକୁର ଘରେ ଦୀପ ଜାଳି ତା'ପରେ ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ଦୀପ ଜାଳିବା ଅତ୍ୟନ୍ତ ଶୁଭ ହୋଇଥାଏ। ସେହିପରି ଚଉରାମୂଳେ ଦୀପ ଜାଳିବା ସହ ଏହିଦିନ ଅଶ୍ୱତ୍ଥ ବୃକ୍ଷ ମୂଳେ ଦୀପ ଜାଳିଲେ ବି ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷେ ସବୁଦିନ ହେଉ କି ଦୀପାବଳିରେ ରୋଷେଇ ଘରର ଦକ୍ଷିଣ-ପୂର୍ବ କୋଣରେ ଦୀପ ଜାଳିଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହ ଘରେ କେବେ ବି ଅନ୍ନର ଅଭାବ ଦେଖାଯାଏନି ବୋଲି ମାନ୍ୟତା ରହିଛି। ଏହାଛଡ଼ା ଶୁଭଫଳ



ପ୍ରାପ୍ତି ପାଇଁ ଗୃହସ୍ଥ ଚାହିଁଲେ ଦୀପାବଳିରେ ଘରର ଚତୁଃପାର୍ଶ୍ୱରେ ଅତି କମ୍‌ରେ ୫ଟି କିମ୍ବା ୭ଟି ଦୀପ ଜଳାଇପାରିବେ। ମାନ୍ୟତା ରହିଛି ଯେ, ଦୀପାବଳିରେ ୫ଟି, ୭ଟି, ୧୧ଟି ଅବା ୨୧ଟି ଦୀପ ଜାଳିବା କୁଆଡ଼େ ଶୁଭ ହୋଇଥାଏ।

## ପାଠକୀୟ

✲ ଦିନକୁ ଦିନ କିଛି ଅତି ପରିଚିତ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ଆଉ କିଛି ପକ୍ଷୀ ବିଲୁପ୍ତପ୍ରାୟ। ସେମାନଙ୍କ ସୁରକ୍ଷାର ଚିନ୍ତା ଏବେ ଘାରିଛି ଉଭୟ ପକ୍ଷୀପ୍ରେମୀ ଓ ପରିବେଶବିତ୍‌ମାନଙ୍କୁ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପକ୍ଷୀ ସୁରକ୍ଷା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। ***– ଗୁରୁପ୍ରସାଦ ସାହୁ, ପୁରୀ***

✲ ପୃଥିବୀ ପୃଷ୍ଠରେ ବାସ କରୁଥିବା ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ମଧ୍ୟରେ ଅନେକ ଲୋପପାଇ ଗଲେଣି। ପୁଣି ବିଲୁପ୍ତ ଅପେକ୍ଷାରେ ଅଛନ୍ତି ଆଉ କେତେ ପ୍ରଜାତିର ପ୍ରାଣୀ। ସେଥିମଧ୍ୟରେ ଅଛନ୍ତି ଅନେକ ବିରଳ ପ୍ରଜାତିର ପକ୍ଷୀ ; ଯାହାର ଚିନ୍ତା ଏବେ ଘାରିଛି ଉଭୟ ପକ୍ଷୀପ୍ରେମୀ ଓ ପରିବେଶବିତ୍‌ମାନଙ୍କୁ। ଛୁଟିଦିନରେ ଏ ସମ୍ପର୍କିତ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗଟି ପ୍ରେରଣାଦାୟୀ ହେବା ସହ ଖୁବ୍ ନିଆରା ଥିଲା। ***– ଅର୍ଦ୍ଧେନ୍ଦୁ ବରାଳ, ନୟାଗଡ଼***

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଶାଢ଼ି ପାଇଁ ଫୁଟ୍‌ୱେର୍' ଶୀର୍ଷକ ପାଠଟି ପଢି ବହୁ ଅଜଣା କଥା ଜାଣିଲି। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍, କବି, ଗାଳ୍ପିକ ତଥା ଶିଶୁ ସାହିତ୍ୟିକ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀ' ଶୀର୍ଷକ ଗପଟି ବି ଖୁବ୍ ମନଛୁଆଁ ହୋଇଥିଲା।

***– ରାଜଶ୍ରୀ ପରିଡ଼ା, ସମ୍ବଲପୁର***

✲ ସିନେମା ପୃଷ୍ଠାରେ ସ୍ଥାନିତ 'ଅପେକ୍ଷା କରିଛନ୍ତି ରଣବୀର', 'ଉପନ୍ୟାସ ଲେଖିବେ କ୍ରୀତି', 'ଓଜନ ଟେନସନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ମଣିପାଲ ୟୁନିଭର୍ସିଟିର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଫେସର ତଥା ନିର୍ଦ୍ଦେଶକ ଡ.ଫକୀର ମୋହନ ନାହାକଙ୍କ ପ୍ରଥମ ରୋଜଗାର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା।

***– ପ୍ରୀତମ୍ ପଣ୍ଡା, ରାଉରକେଲା***

✲ ବାଙ୍କୀ ଗଡ଼ର ବୀରା ରାଣୀ ଶୁକଦେଈଙ୍କ ପାଠଟି ବି ଖୁବ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ସହରଠୁ ଦୂର ପୃଷ୍ଠାରୁ ମନୋରମ ପର୍ଯ୍ୟଟନସ୍ଥଳୀ କାନାତାଲ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ମୋନାଲିସାର ରହସ୍ୟ' ଶୀର୍ଷକ ପାଠଟି ବି ଯେତିକି ମନଛୁଆଁ ଲାଗୁଥିଲା ସେତିକି ରୋଚକପୂର୍ଣ୍ଣ ବି ହୋଇଥିଲା। ***– ଧୀରେନ୍ କୁମାର ମାଝୀ, କେନ୍ଦୁଝର***

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଇଉଜ ଆଣ୍ଡ ଥ୍ରୋ' ଶୀର୍ଷକ ପାଠଟି ବି ବେଶ୍ ନିଆରା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗ୍ରୁପ୍ ସ୍କିପିଂ ଖେଳି ରେକର୍ଡ', 'ପାଣି ଭିତରେ ୨୯ ମିନିଟ୍', 'ନିଶ ଥିବା ମାଙ୍କଡ଼' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ଖୁବ୍ ନିଆରା ଥିଲା।

***– ସୁରେଶ ମହାପାତ୍ର, ପିପିଲି***




## ବିଶେଷ ଚିଠି

**ପ**କ୍ଷୀ ସୁରକ୍ଷା ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଭାରି ଭଲ ଥିଲା
ଶାଢ଼ି ପାଇଁ ଫୁଟ୍‌ୱେର୍,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ଭାରି ନୂତନ।

***– ସ୍ୱାଗତିକା ଦାଶ, କେନ୍ଦ୍ରାପଡ଼ା***

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ରଙ୍ଗୋଲି ରାଜା


ଜ୍ଞାନ ରଞ୍ଜନ ଓଝା



କଳା କ୍ଷେତ୍ରରେ ନାହିଁ ଲିଙ୍ଗଭେଦ । ଏହାକୁ ପ୍ରମାଣ କରିଦେଇଛନ୍ତି କେତେଜଣ ପୁରୁଷ କଳାକାର । ଝୋଟି ଓ ରଙ୍ଗୋଲିର ରଙ୍ଗବିଭାରେ ନିଜକୁ ହଜାଇ ଦେଇଛନ୍ତି । ଆଉ ଘର ଅଗଣାର ଏହି କଳାକୁ ବିଶ୍ୱ ଦରବାରରେ ପରିଚିତି ଦେଇଛନ୍ତି । ତା'ସହ ନିଜେ ପାଲଟିଛନ୍ତି ରଙ୍ଗୋଲି ଓ ଝୋଟି କଳାର ରାଜା....

ଘର ଅଗଣାରେ, ଚଉରା ମୂଳରେ ଆଉ ଦାଣ୍ଡପିଣ୍ଡାରେ ଶୋଭାପାଏ ସୁନ୍ଦର ଝୋଟି ଓ ରଙ୍ଗୋଲି । ହିନ୍ଦୁ ଧର୍ମ ଓ ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ ଏହି କଳା । ଘରର ପରିବେଶକୁ ସକାରାତ୍ମକତାରେ ଭରୁଥିବା ଓ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରୁଥିବା ଏହି କଳାକୁ କିନ୍ତୁ କାହିଁ କେଉଁକାଳରୁ ମହିଳାମାନେ ହିଁ କରିଆସୁଛନ୍ତି । ଲାଗେ ସତେଯେମିତି ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ହେଲେ ଏବେ କେତେଜଣ ପୁରୁଷ ଏହି ଧାରାରେ ଆଣିଛନ୍ତି ପରିବର୍ତ୍ତନ । ହାତରେ ରଙ୍ଗିନ ମୁରୁଜ ଧରି ରଙ୍ଗୋଲି କରୁଛନ୍ତି । ଚାଉଳ ବଟାରେ ଝୋଟି କରୁଛନ୍ତି । ସେ ପୁଣି ସେଇ ପାରମ୍ପରିକ ଧାରାରେ ନୁହେଁ, ବରଂ ଏହାକୁ ଦେଇଛନ୍ତି କିଛିଟା ନୂଆ ଛିଟା । ନିଜର ସ୍ୱତନ୍ତ୍ର ପରିଚୟ ତ ଗଢିଛନ୍ତି ତା'ସହ ଘର ଅଗଣାର ଏହି କଳାକୁ ଦେଇଛନ୍ତି ବିଶ୍ୱ ଦରବାରରେ ପରିଚୟ...

**ବଡ଼ଦାଣ୍ଡରେ ଝୋଟି କରି ପାଇଲି ପରିଚୟ: ଜ୍ଞାନ ରଞ୍ଜନ ଓଝା**


ପିଲାଟି ଦିନୁ ମୁଁ ଆଧ୍ୟାତ୍ମିକ ମନୋଭାବର । ଏହାବାଦ୍ ଚିତ୍ର ପ୍ରତି ଥିଲା ମୋର ପ୍ରବଳ ଆଗ୍ରହ । ଷଷ୍ଠ, ସପ୍ତମରେ ପଢିବାବେଳେ ଗାଁରେ ମମି ମାଣବସା ଗୁରୁବାରରେ ଝୋଟି କଲାବେଳେ ତାକୁ ଦେଖି ଦେଖି ଝୋଟି କରିବା ଆରମ୍ଭ କରିଥିଲି । ଭଲ କରୁଥିବାରୁ ସାଇପଡ଼ିଶାରେ ମତେ ଝୋଟି କରିବାକୁ ଡାକୁଥିଲେ । ମୋର ଏଇ ଝୋଟି କରିବାକୁ କିଏ ପ୍ରଶଂସା କରୁଥିଲେ ତ କିଏ ମାଇଚିଆ କହି ତାଚ୍ଛଲ୍ୟ କରୁଥିଲେ । ଖରାପ ଲାଗିଲେ ବି ସେସବୁକୁ କାନଉ ନ ଥିଲି । ଚିତ୍ରରେ ବିଧିବଦ୍ଧଭାବେ ତାଲିମ ନେଇ ନ ଥିଲେ ବି ବ୍ଲକ୍ ଓ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କାର ପାଉଥିଲି । ତା'ସହ ଆଧ୍ୟାତ୍ମିକ ବିଷୟରେ ବହୁତ କିଛି କହିପାରୁଥିଲି । ସାର୍‌ମାନେ ମୋର ଏଭଳି ଜ୍ଞାନ ଦେଖି ମା' ବାପା ଦେଇଥିବା ନାଁ 'ସମୀର'କୁ ବଦଳାଇ 'ଜ୍ଞାନ ରଞ୍ଜନ ଓଝା' କରିଦେଇଥିଲେ । ସେବେଠୁ ହିଁ ମୁଁ ଏଇ ନାଁରେ ପରିଚିତ ହେଲି ।


ଜଗତ୍‌ସିଂହପୁର, ତିର୍ତ୍ତୋଲ ବ୍ଲକସ୍ଥ ଧୁଁପୁରରେ ଆମ ଗାଁ । ବାପାଙ୍କର କମାରଶାଳ ଥିଲା । ଆର୍ଥିକସ୍ଥିତି ଏତେ ଭଲ ନ ଥିଲା । ସେଥିପାଇଁ ବାପା ଯୁକ୍ତ୨ ନ ପଢି ତାଙ୍କ କମାରଶାଳରେ ସାହାଯ୍ୟ କରିବାକୁ ମୋତେ କହୁଥିଲେ । ମା' ଯଦିଓ ମୋ କଳା ଓ ପାଠପଢାକୁ ସପୋର୍ଟ କରୁଥିଲେ, ହେଲେ ଆର୍ଥିକସ୍ଥିତି ପାଇଁ ସେ ବି କିଛି କରିପାରୁ ନ ଥିଲେ । ଘର ଚଳିବା ଲାଗି ମୁଁ ସେତେବେଳେ ବାହାଘରରେ ଝିଅଙ୍କୁ ମେହେନ୍ଦୀ ଲଗାଉଥିଲି, ଥରେ ଗୋଟେ ଝିଅ ମେହେନ୍ଦୀ ଲଗାଇବାକୁ ଆସିଥାଏ । ହେଲେ ମୁଁ ଜଣେ ସାଙ୍ଗକୁ ଦେଖା କରିବାକୁ ବାହାରକୁ ପଳେଇଥିଲି । ଯେତେବେଳେ ଫେରିଲି ମମି ବହୁତ ରାଗିଥିଲା । ମନ ବହୁତ ଦୁଃଖ ହେଇଥିଲା । ଏତିକିବେଳେ ମୋର ମନେପଡ଼ିଯାଇଥିଲା ଘର ପାଖ ଟିକି ଦେଇ କଥା । ସେ ଦୃଷ୍ଟିବାଧିତ କିନ୍ତୁ ଜଣେ କଳାକାର । ସେ କହିଥିଲା କୁହୁଡ଼ି ପଡିଥିବାବେଳେ ଦୂରରୁ ରାସ୍ତା ସଂକୀର୍ଣ୍ଣ ଲାଗେ । ହେଲେ ଯେତେଯେତେ ପାଖକୁ ଯିବ ରାସ୍ତା ସଫା ଓ ପ୍ରଶସ୍ତ ଦେଖାଯିବ । ତା' କଥା ମତେ ପ୍ରେରଣା ଦେଇଥିଲା । ତେଣୁ ଭାବିଲି ଏକରେ ତ ପାଠ ପଢିବାକୁ ମନା କରୁଛନ୍ତି ଏଇ ସୁଯୋଗରେ ଘର ଛାଡି ଚାଲିଯିବି । ଆଉ ନିଜ ଭବିଷ୍ୟତ ନିଜେ ଗଢିବି । ଆଉ ମହାପ୍ରଭୁ ଜଗନ୍ନାଥଙ୍କର ଏକ ଛୋଟିଆ ବିଗ୍ରହ ଧରି ଘର ଛାଡି ବାଙ୍ଗାଲୋର ପଳେଇଲି । ସେଠି ଏକ ହୋଟେଲରେ କାମ କଲି । ଲାଟ୍ରିନ ସଫା କରିବା, ରୁମ୍ ସଜାଡିବା ଭଳି କାମ କଲାବେଳେ ଭାରି କଷ୍ଟ ଲାଗୁଥିଲା । ଥରେ ମୁଁ ଏକ ପାର୍କରେ ବସି କାନ୍ଦି କାନ୍ଦି ପୋଟ୍ରେଟ୍ କରୁଥାଏ । ଜଣେ ବୟସ୍କ ବ୍ୟକ୍ତି ଆସି କହିଲେ– ତୁମକୁ ଭଗବାନ ଏତେ ସୁନ୍ଦର କଳା ଦେଇଛନ୍ତି ତୁ ଏଇ କଳାକୁ ରୋଜଗାରର ପନ୍ଥା କରୁନୁ । ତାଙ୍କ କଥା ମତେ ଭଲଲାଗିଲା । ମୁଁ ଭୁବନେଶ୍ୱର ପଳେଇ ଆସିଲି । ରହିବାକୁ ଜାଗା ନ ଥାଏ, ଏକ ପାର୍କରେ ବସିଥାଏ । ବିକି ବୋଲି ଜଣେ ପିଲା ଦେଖାହେଲେ । ସେ କହିଲେ, ମୁଁ ଜ୍ୟୋତି ଦିଦିଙ୍କୁ ଜାଣିଛି ଯେକି ଚିତ୍ର କରନ୍ତି ତାଙ୍କ ସହ ତୁମର ଭେଟ କରେଇ ଦେବି । ହେଲେ ଭେଟ ହେବାପରେ ସେ କହିଲେ ମୁଁ ଏ ଲାଇନ୍ ଛାଡି ସାରିଲିଣି । ହେଲେ ମୁଁ ଆଉ ଜଣେ ମ୍ୟାଡାମଙ୍କ ସହ ଭେଟ କରେଇ ଦେବି । ତାଙ୍କ ଘରେ ରହି ତାଙ୍କଠୁ ପେଣ୍ଟିଂ ଶିଖିବ । ହେଲେ ସେ ମ୍ୟାଡାମ ପେଣ୍ଟିଂ ଶିଖାଇବେ କ'ଣ ମତେ ତାଙ୍କ ଘରର ଚାକର କରିଦେଲେ । ଘରର ସବୁ କାମ କରଉଥିଲେ । ଖାଇବାକୁ ଦେଉ ନ ଥିଲେ । ଥରେ ତ ଚୋରି କରିଛି କହି ବହୁତ ମାଡ଼ ମାରିଥିଲେ । କିନ୍ତୁ ପରେ ଯେବେ ହଜିଥିବା ଜିନିଷଟିକୁ ପାଇଲେ ମତେ କହିଲେ ସବୁ ଭୁଲିଯା' । ମୁଁ କିନ୍ତୁ ତାଙ୍କ ଘର ଛାଡି ଚାଲି ଆସିଲି । ପରେ ଖଣ୍ଡଗିରିର ଫୁଟ୍‌ପାଥରେ ଅନେକ ରାତି କାଟିଛି । ଏହା ଭିତରେ ଘର ସହ ପୁଣି ଥରେ ସମ୍ପର୍କରେ ରହିଲି । ବଞ୍ଚିବା ପାଇଁ ବାହାଘର ପାଇଁ କାନ୍ଥରେ ଚିତ୍ର କରିବା, ମେହେନ୍ଦୀ କରିବା କାମ କଲି । ସେଥିରୁ ସଞ୍ଚୟ କରିଥିବା କିଛି ଟଙ୍କା ଓ ବାପା ପଠାଇଥିବା କିଛି ଟଙ୍କାରେ ବିକେ ଆର୍ଟ କଲେଜରେ ନାମ ଲେଖାଇଲି । ଏଣେ ପଢିବା ସହ କମର୍ସିଆଲ କାମ କଲି । ଯା ଭିତରେ ମୁଁ ଜାଣିପାରିଲି ମୋର ଝୋଟି ଭଲ ହେଉଛି । ଝୋଟିକୁ ପେସାଭାବେ ବହୁତ କମ୍ ଲୋକ ଗ୍ରହଣ କରିଛନ୍ତି । ତେଣୁ ଯାକୁ ନେଇ ଆଗେଇବାକୁ ନିଷ୍ପତ୍ତି ନେଲି । ଆଉ ଝୋଟିକୁ ନେଇ ମୋତେ ପ୍ରଥମ ସଫଳତା ମିଳିଲା କୋଣାର୍କ ଫେଷ୍ଟିଭାଲରୁ । କଣ୍ଟ୍ରାକ୍ଟରି ନେଇଥିବା ବିକେ ଆର୍ଟ କଲେଜର ଗଜେନ୍ଦ୍ର ସାର୍‌ଙ୍କ ତତ୍ତ୍ୱାବଧାନରେ ମୁଁ ସେଠି ୨୫୦ଟଙ୍କା ଦିନ ମଜୁରିରେ ଝୋଟି କଲି । ମୋ ଝୋଟି ସେତେବେଳର ସଚିବଙ୍କୁ ଭାରି ଭଲ ଲାଗିଥିଲା ଓ ସେ ମୋ ସହ ଦେଖା କରିଥିଲେ । ଏହାପରେ ଦୀର୍ଘ ନଅ ବର୍ଷ ମୁଁ କୋଣାର୍କ ଫେଷ୍ଟିଭାଲରେ ଝୋଟି କଲି । ୨୦୧୫ରେ ଦିଲ୍ଲୀ ରାଜପଥରେ ଟାବଲୋ କାମ କରିଥିଲି । ଫଳରେ ମହାମହିମ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ସହ ଦେଖା କରିବା, ତାଙ୍କ ସହ ଖାଇବାର ସୁଯୋଗ ପାଇଥିଲି । ପରେ ପୁରୀ ପ୍ରକଳ୍ପ ପ୍ରୋଜେକ୍ଟରେ ବି କାମ କଲି । ଶ୍ରୀମନ୍ଦିର ସାମ୍ନାରେ ଝୋଟି ପକାଇବାର ସୁଯୋଗ ମିଳିଲା । ତେବେ ଯେଉଁଦିନ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ସାମ୍ନାରେ କରିଥିବା ଝୋଟି ଉପର ଦେଇ ମହାପ୍ରଭୁ ପହଣ୍ଡି କରି ରଥାରୂଢ ହେଲେ ମୋତେ ସବୁକିଛି ମିଳିଗଲା ଭଳି ଲାଗିଥିଲା । ତାଙ୍କ ସେବାରେ ଲାଗିପାରିଥିବାରୁ ଆତ୍ମସନ୍ତୋଷ ମିଳିଥିଲା । ମୁଁ ଝୋଟି କରିବାବେଳର ଦୃଶ୍ୟକୁ ଭିଡିଓ କରି ଅନେକେ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ । ଭିଡିଓ ଭାଇରାଲ ହେଇ ଲୋକ ମତେ ଚିହ୍ନିଲେ, କାମକୁ ପ୍ରଶଂସା କଲେ । ଝୋଟି କଳାକାରଭାବେ ମୋର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେଲା । ପରେ ସମଲେଶ୍ୱରୀ ପ୍ରକଳ୍ପର ପ୍ରୋଜେକ୍ଟ ଧରି ସେଠି ବି ଝୋଟି କଲି । ଭୁବନେଶ୍ୱର ସହରର ଗଳିକନ୍ଦି, କାନ୍ଥବାଡ଼ ପ୍ରାୟ ସବୁଠି ମୋରି ଝୋଟି ଦେଖିବାକୁ ପାଇବେ । ଏବେ ଲୋକେ ନିଜ ଘର, ଅଫିସ୍ ସହ ବିଭିନ୍ନ ସ୍ଥାନରେ ଝୋଟି କରିବାକୁ ଡାକୁଛନ୍ତି । ଭଲ ପାଉଣା ମିଳୁଛି । ଦିନେ ଫୁଟ୍‌ପାଥରେ ଶୋଉଥିଲି ହେଲେ ଆଜି ଘର, ଜାଗା କିଣିପାରିଛି । ବିବାହ କରିଛି । ସୁଖର ପରିବାର ଅଛି । ଏସବୁ ଯାହା ବି ପାଇଛି ସେସବୁ ମହାପ୍ରଭୁଙ୍କ କୃପାରୁ ହୋଇଛି । ଝୋଟି ବାଦ୍ ମୁଁ ବଡ଼ ବଡ଼ ମାଟିର ମୂର୍ତ୍ତି, ପଟ୍ଟଚିତ୍ର, ପୋଟ୍ରେଟ, ଫାଇନ୍ ଆର୍ଟ ବି କରିପାରେ ।











## ରଙ୍ଗୋଲି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ପାଇଲି ସ୍ଥାନ: ଅଜୟ କୁମାର ଘୋଷ

ଆମ ଗାଁ ବାଲେଶ୍ୱର, ଜଳେଶ୍ୱରସ୍ଥ ବେହେରା ସାହିରେ । ମୋ ବାପା ଶ୍ରୀମନ୍ତ ଘୋଷ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରଙ୍ଗ ଲଗାଇବା କାମ କରନ୍ତି । ପିଲାଦିନୁ ତାଙ୍କୁ ଦେଖି ଦେଖି ଚିତ୍ର, ରଙ୍ଗୋଲି ଓ ସ୍ୟାଣ୍ଡ ଆର୍ଟ କରିବା ପ୍ରତି ଆଗ୍ରହ ସୃଷ୍ଟି ହେଇଥିଲା । ମାଣବସା ଗୁରୁବାର, କାର୍ତ୍ତିକ ପୂର୍ଣ୍ଣିମା, ଦୀପାବଳିରେ ବୋଉଠୁ ରଙ୍ଗୋଲି କରିବା ଦେଖି ରଙ୍ଗୋଲି କରୁଥିଲି । ସାଇ ପଡ଼ିଶା ଲୋକ ଭାରି ପ୍ରଶଂସା କରୁଥିଲେ । ଆଗୁଆ ବୁକ୍ କରି ନେଉଥିଲେ କୋଉ ଗୁରୁବାରରେ କାହା ଘରେ ଝୋଟି କରିବି । ରଙ୍ଗୋଲି ମାଧ୍ୟମରେ ପୂରା ସାହିରେ ମୋର ଭଲ ସମ୍ପର୍କ ହେଇଯାଇଥିଲା । ଏମିତି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଥିଲା । ମୋର ରଙ୍ଗୋଲି କରିବାକୁ ନେଇ କେହି କେବେ ପରିହାସ କରିନାହାନ୍ତି । କାରଣ ମୋ ବାପା ଜଣେ କଳାକାର ଓ ସୃଜନଶୀଳ ବ୍ୟକ୍ତିଭାବେ ଗାଁରେ ବେଶ୍ ପରିଚିତ ଥିଲେ । ଏଫ୍‌ଏମ୍ କଲେଜ୍‌ରୁ ପାସ୍‌ଆଉଟ୍ ହେଲାପରେ ସି.ଟି. ମୟୂରଭଞ୍ଜରେ କଲି । ସି.ଟି. ପରେ ଶିକ୍ଷକ ନିଯୁକ୍ତି ପାଇଁ ଅପେକ୍ଷା କରିଥାଏ । ହାତରେ ସମୟ ପ୍ରଚୁର ଥିଲା । ଭାବିଲି ସାହି ଓ ଘର ଭିତରେ ସୀମିତ ଥିବା ଏଇ ରଙ୍ଗୋଲି କଳାକୁ ବିଶ୍ୱ ଦରବାରରେ ପରିଚିତ କରାଇବି । ୨୦୧୩ ମସିହାରୁ ମୁଁ ମୋର ଏହି ଅଭିଯାନରେ ଜୋର୍ ସୋର୍‌ରେ ଲାଗିଲି । ରଙ୍ଗୋଲି ସହ ସ୍ୟାଣ୍ଡ ଆର୍ଟ ବି କରୁଥାଏ । ପରେ ବିଜ୍ଞାନ ଶିକ୍ଷକ ଭାବେ ନିଯୁକ୍ତି ପାଇଲି । ୨୦୧୮ରୁ ୨୦୨୪ ଯାଏ ରାଇରଙ୍ଗପୁରରେ ପୋଷ୍ଟିଂ ହେଲା । ସେଠି ସମୁଦ୍ର କି ନଦୀ ନ ଥିବାରୁ ବାଲି ମିଳେ ନାହିଁ । ତା'ଛଡ଼ା ବର୍ଷାଦିନେ ଘର ଭିତରେ ହିଁ ରହିବାକୁ ପଡୁଥିଲା । ସେଥିପାଇଁ କେବଳ ରଙ୍ଗୋଲିରେ ମନୋନିବେଶ କଲି । ପରେ ରଙ୍ଗୋଲିରେ କିଛି ବଡ଼ଧରଣ କରିବାର ଇଚ୍ଛା ନେଇ ୨୦୨୧ରେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ମୁଣ୍ଡତୁଣିଆ ଗାଁରେ ୫ କୁଇଣ୍ଟାଲ ରଙ୍ଗୋଲି ବ୍ୟବହାର କରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କର ୧୦,୦୦୦ ବର୍ଗଫୁଟ୍‌ର ସବୁଠାରୁ ବଡ଼ ରଙ୍ଗୋଲି କଲି । ଆଉ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇଲି । ରେକର୍ଡ କରିବା ଦିନ କିନ୍ତୁ ସକାଳୁ ଖୁବ୍ ବର୍ଷା ହେଉଥିଲା । କେମିତି ରଙ୍ଗୋଲି କରିବି ଚିନ୍ତାରେ ଥାଏ । ଏଣେ ଏମ୍‌ଏଲଏଙ୍କ ସହ ସ୍ଥାନୀୟ ବଡ଼ ବଡ଼ ଲୋକଙ୍କୁ ଗେଷ୍ଟଭାବେ ଡାକିଥାଏ । ସବୁକିଛି ମହାପ୍ରଭୁଙ୍କ ଉପରେ ଛାଡି ଦେଲି । ମା'ଓ ଭଉଣୀଙ୍କୁ କହିଲି ଠାକୁରଙ୍କୁ ଡାକିବାକୁ । ଭଗବାନଙ୍କ ଦୟାରୁ ବର୍ଷା ଛାଡି ଖୁବ୍ ଜୋର୍‌ରେ ଖରା ହେଲା । ଆଉ ୨ଟା ଭିତରେ ରଙ୍ଗୋଲି ସମ୍ପୂର୍ଣ୍ଣ ହେଇଗଲା । ସେଦିନ ରଥଯାତ୍ରା ଥିଲା । ମୋର ଏହି ରଙ୍ଗୋଲିକୁ ରଥଟଣା ଦୃଶ୍ୟର ପାର୍ଶ୍ୱରେ ଲାଇଭ୍ ଟେଲିକାଷ୍ଟ ହେଇଥିଲା । ସେଦିନର ସେ ଅନୁଭୂତି କେବେ ବି ଭୁଲି ହେବନି । ଏହାପରେ ବିଭିନ୍ନ ସ୍ଥାନରେ ରଙ୍ଗୋଲି କରିଛି । ଯେମିତିକି ବିଧାନସଭା ସାମ୍ନା ଧାରଣାସ୍ଥଳରେ ପ୍ରାଥମିକ ଶିକ୍ଷକଙ୍କ ଧାରଣାବେଳେ ରଙ୍ଗୋଲି କରିଥିଲି, ଯେଉଁଥିରେ ମାତ୍ର ୬୫୧୨ଟଙ୍କା ଦରମାରେ କିଭଳି ପ୍ରାଥମିକ ଶିକ୍ଷକ ବିଭିନ୍ନ ଦାୟିତ୍ୱକୁ ତୁଲାଉଛନ୍ତି ତାକୁ ଦେଖାଇଥିଲି । ସେ ଧାରଣା ଖୁବ୍ ଚର୍ଚ୍ଚାକୁ ଆସିଥିଲା ଓ ଦରମା ବି ବଢିଥିଲା । ତା'ସହ ଗଣମାଧ୍ୟମରେ 'ବେହେରା ସାହିରୁ ବିଧାନ ସଭା' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା । ରାସପୂର୍ଣ୍ଣିମା ସମୟରେ ଆୟୋଜିତ ହେଉଥିବା ରଙ୍ଗୋଲି ପ୍ରତିଯୋଗିତା, ଯେଉଁଥିରେ ରାସ୍ତାର ୧ କି.ମି. ପର୍ଯ୍ୟନ୍ତ ରଙ୍ଗୋଲି କରାଯାଏ ସେଥିରେ ଅଂଶ ଗ୍ରହଣ କରି ତିନିଥର ପୁରସ୍କୃତ ହେଇଛି । ଏବେ ମୁଁ ରଙ୍ଗୋଲି ମାଧ୍ୟମରେ ଫିଲ୍ମ ପ୍ରମୋଶନ୍ ବି କରୁଛି । ଆଗାମୀ ଦିନରେ ମୁଁ ମୋ ନିଜ ରେକର୍ଡ ଭାଙ୍ଗି ରଙ୍ଗୋଲିର ଆଉ ଏକ ବଡ଼ ରେକର୍ଡ କରିବାକୁ ଯୋଜନା ରଖିଛି । ପୂଜାପର୍ବରେ ଏବେ ବି ଘରେ ରଙ୍ଗୋଲି କରେ । ଏହାବାଦ୍ ମୁଁ ଜଣେ ସ୍ୟାଣ୍ଡ ଆର୍ଟିଷ୍ଟ ବି । ଭାରତର ୧୦୦ ଜଣ ସର୍ବୋତ୍ତମ ସ୍ୟାଣ୍ଡ ଆର୍ଟିଷ୍ଟଙ୍କ ଭିତରେ ଅନ୍ତର୍ଭୁକ୍ତ ।

## ଲୁଚି ଲୁଚି ଛାତରେ କରୁଥିଲି ଝୋଟି ମୁରୁଜ: ଚନ୍ଦ୍ର ପ୍ରକାଶ ରାଉତରାୟ

ଘର କଟକ, ମଙ୍ଗଳାବାଗର ମହ୍ଲା ସାହିରେ । ସପ୍ତମ ଅଷ୍ଟମ ଶ୍ରେଣୀରେ ପଢିବା ବେଳକୁ କାର୍ତ୍ତିକ ପୂର୍ଣ୍ଣମୀରେ ଘରେ, ସାହିରେ ରଙ୍ଗୋଲି କରାଯାଉଥିବା ଦେଖି ମୋର ବି ଇଚ୍ଛା ହେଉଥିଲା କରିବାକୁ । ଆଉ ଲୁଚି ଲୁଚି ଘର ଛାତ ଉପର ଚଉଁରା ପାଖରେ ରଙ୍ଗୋଲି କରୁଥିଲି । କାରଣ ଝୋଟି ମୁରୁଜ କରୁଥିବା ଦେଖିଲେ ଲୋକେ ଝିଅ ପିଲା କହି ଚିଡାଉଥିଲେ । ଘରେ କିନ୍ତୁ ସମସ୍ତଙ୍କର ସପୋର୍ଟ ଥିଲା । କଳାର କିଛି ଲିଙ୍ଗ ନ ଥାଏ ବୋଲି କହୁଥିଲେ । କ୍ରମେ ଏହି ନିଶା ବଢିଲା । ଛାତ ଉପରେ ଅଧିକରୁ ଅଧିକ ଝୋଟି କରି ତା'ର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କଲି । ଖୁବ୍ ପ୍ରଶଂସା ମିଳିଲା । ଯୁକ୍ତ୨ ପଢିବାବେଳେ ପ୍ରଥମ କରି ଦାଣ୍ଡପଟର ଲମ୍ବା ପିଣ୍ଡାରେ ରଙ୍ଗୋଲି କଲି । ଦେବୀଦେବତାଙ୍କ ସହ କରେଣ୍ଟ ଇସ୍ୟୁ ଥିମ୍‌ରେ କରିଥିଲି ସେହି ରଙ୍ଗୋଲି । ଏହାପରେ ଅନେକ ଥର ବିଭିନ୍ନ କରେଣ୍ଟ ଇସ୍ୟୁ ଯେମିତିକି ୱାର୍ଲଡ ଟ୍ରେଡ ସେଣ୍ଟର ଉପରେ ଆକ୍ରମଣ, ଗ୍ଲୋବାଲ୍ ୱାର୍ମିଂ, ୱାର୍ଲଡ ପିସ୍ ଆଦି ପ୍ରସଙ୍ଗକୁ ନେଇ ପିଣ୍ଡାରେ ରଙ୍ଗୋଲି କଲି । ଲୋକେ ଏହି ରଙ୍ଗୋଲି ଦେଖି ଖୁବ୍ ପ୍ରଶଂସା କଲେ । ଆଗ୍ରହ ବଢିଲା । ମଧୁସୂଦନ ଲ' କଲେଜରେ ପଢିବାବେଳେ ବି ମୋତେ ବିଭିନ୍ନ ଉତ୍ସବରେ ରଙ୍ଗୋଲି କରିବାକୁ କୁହାଗଲା । ୨୦୨୦ ମସିହାରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ହେବାର ଥିଲା । ତେଣୁ ମୁଁ ଆମ ଛାତ ଉପରେ ୨୨ ଫୁଟର ନାଗାର୍ଜୁନ ବେଶର ରଙ୍ଗୋଲି କରିବାକୁ ଭାବିଲି । ରଙ୍ଗୋଲି କଲାବେଳେ ଘଟିଥିଲା ଏକ ଦୈବୀ ଘଟଣା । ମହାପ୍ରଭୁଙ୍କ ଶରୀରର ସବୁ ଭାଗ ଆଙ୍କିବା ପରେ ଯାଇ ଦୁଇ ଆଖି କରିବାକୁ ବସିଲି । ଡାହାଣ ଆଖି ତ ପରଫେକ୍ଟ ହେଇଗଲା । ହେଲେ ବାମ ଡୋଳାକୁ ଯେତେଥର କରୁଥିଲି ତାହା ବଙ୍କା ହୋଇଯାଉଥିଲା । ଶେଷରେ ପ୍ରଭୁଙ୍କୁ ସୁମରଣା କଲି । କହିଲି ପ୍ରଭୁ ଆଜି ଯଦି ମୁଁ ଆପଣଙ୍କ ଆଖି ଠିକ୍‌ରେ ନ କରିପାରେ ଲୋକେ ତାଚ୍ଛଲ୍ୟ କରିବେ । କହିବେ ମୁଁ ମିଛ ଭକ୍ତ । ମୋ ଭକ୍ତିରେ କଳଙ୍କ ଲାଗିଯିବ । ଏମିତି କହୁ କହୁ ମୋ ଆଖି ଛଳଛଳ ହେଇ ଯାଉଥିଲା । ଲୁହ ପଡ଼ି କାଳେ ରଙ୍ଗୋଲି ନଷ୍ଟ ହେଇଯିବ ଭାବି ଲୁହ ଗଡିବାକୁ ଦେଉ ନ ଥିଲି । ହେଲେ ସତ ଚେଷ୍ଟା ସତ୍ତ୍ୱେ →







ଅଜୟ କୁମାର ଘୋଷ


ଚନ୍ଦ୍ର ପ୍ରକାଶ ରାଉତରାୟ



ଲୁହ ଟୋପେ ରଙ୍ଗୋଲି ଉପରେ ପଡ଼ିଗଲା।  ଆଉ ସେ ବୁନ୍ଦାଟି ଯେଉଁଠି ପଡ଼ିଲା ତାହା ଆଖିର ମଝିଭାଗ ଥିଲା। ସେଇଠି ହିଁ ଡୋଳା କଲି। ଆଉ ଡୋଳା ପୂରା ପରଫେକ୍ଟ ହେଲା। ଖୁସି ଓ ଭକ୍ତିଭାବରେ ମୋ ଦେହ ଶିହରୀ ଯାଉଥିଲା। ମହାପ୍ରଭୁଙ୍କ ମହିମା ଏଇଠି ସରି ନ ଥିଲା, ଯେତେବେଳେ ସେ ରଙ୍ଗୋଲିକୁ ଲିଭାଇବାକୁ ମୋ ହାତ ଯାଉ ନ ଥିଲା ସେତେବେଳେ ବି ହେଲା ଏକ ଚମତ୍କାର। ବୋଧହୁଏ ଭକ୍ତର ଏଇ ଦ୍ୱନ୍ଦ୍ୱକୁ ମହାପ୍ରଭୁ ବୁଝିପାରିଥିଲେ। ସନ୍ଧ୍ୟାବେଳେ ହଠାତ୍ ମେଘ ଘୋଟି ଆସିଲା। ଖୁବ୍ ଜୋର୍‌ରେ ବର୍ଷା ହେଲା। ଆଉ ରଙ୍ଗୋଲିଟି ଧୋଇଗଲା। ଏଇ ଅନୁଭୂତିକୁ ମୁଁ କେବେ ଭୁଲିପାରିବି ନାହିଁ। ଏହାବାଦ୍ କଟକ ଜୁଡିସିଆଲ ଏକାଡେମୀରେ ଗାନ୍ଧିଜୀଙ୍କର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୩୫ ଫୁଟର ଏକ ରଙ୍ଗୋଲି କରିଥିଲି। ସାଢେ ତିନି ଘଣ୍ଟା ଲାଗିଥିଲା ତାକୁ କରିବାକୁ। ସୁପ୍ରିମ କୋର୍ଟ ଜଜ୍, ହାଇକୋର୍ଟ ଜଜ୍ ଏହାକୁ ଦେଖି ବହୁତ ପ୍ରଶଂସା କରିଥିଲେ। ଲିଙ୍ଗ ଭେଦର ଊର୍ଦ୍ଧ୍ୱରେ ରଙ୍ଗୋଲି କରୁଥିବାରୁ ଖୁସି ହେଇଥିଲେ। ହକି ୱାର୍ଲଡ କପ୍ ପାଇଁ ୧୨ ଫୁଟ୍‌ର ରଙ୍ଗୋଲି କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲି, ଯାହାକୁ ନବୀନ ପଟ୍ଟନାୟକ ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଥିଲେ। କୋଣାର୍କ ମନ୍ଦିରକୁ ଯେତେବେଳେ ଏଏସ୍ଆଇ ତରଫରୁ ଚାରିଆଡୁ ଲୁହା ଢାଞ୍ଚାର ସପୋର୍ଟ ଦିଆଯାଇଥିଲା, କୋଣାର୍କ ବନ୍ଦୀ ଭଳି ଲାଗୁଥିଲା।  ପଦ୍ମଶ୍ରୀ ରଘୁନାଥ ମହାପାତ୍ର ଏହି ଘଟଣାକୁ ଜୋର୍ ଦେଇଥିଲେ। ତାଙ୍କ ମତରେ କୋଣାର୍କ ସତେ ଯେମିତି ସମସ୍ତଙ୍କୁ କହୁଥିଲା ମତେ ମୁକ୍ତ କର ବୋଲି। ସେ ଦ୍ୱିତୀୟ କୋଣାର୍କ କରିବେ ବୋଲି ବି ଚିନ୍ତା କରିଥିଲେ। ସେତେବେଳେ ଏହା ଉପରେ ମୁଁ ଏକ ରଙ୍ଗୋଲି କରିଥିଲି। ତାକୁ ଦେଖି ସେ ମତେ ଡାକିଥିଲେ ଦେଖା କରିବାକୁ। ଆଉ ମୁଁ ଦେଖା କରିଥିଲି। ପୁରୀ ସାହିଯାତ, କଟକ ବାଲିଯାତ୍ରା ସହ ବିଭିନ୍ନ କରେଣ୍ଟ ଇସ୍ୟୁ ଉପରେ ରଙ୍ଗୋଲି କରି ତା'ର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥାଏ। ଏବେ ବହୁତ ଅର୍ଡର ଆସୁଛି ରଙ୍ଗୋଲି ପାଇଁ। ବହୁତ ବଡ଼ ରଙ୍ଗୋଲି କରିବାକୁ ଥିଲେ ୪-୫ ଜଣ ପିଲାଙ୍କୁ ନେଇକି ଯାଏ ରଙ୍ଗୋଲି କରିବାକୁ। ହେଲେ କାମ ଓ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳେନା। ମୁଁ ହାଇକୋର୍ଟର ଆଡ୍‌ଭୋକେଟ୍ ଅଛି। ରଙ୍ଗୋଲିକୁ କେବଳ ଖୁସିରେ କରେ। କାରଣ ଏହା ଆତ୍ମତୃପ୍ତି ପ୍ରଦାନ କରେ। ଏବେ ବି ମୁଁ ମାଣବସା ଗୁରୁବାର, କାର୍ତ୍ତିକ ପୂର୍ଣ୍ଣିମା, ଦୀପାବଳି ଅବସରରେ ରଙ୍ଗୋଲି କରୁଛି। ହେଲେ ଆଉ କେହି ଉପହାସ କରୁନାହାନ୍ତି, ବରଂ ପ୍ରଶଂସା କରୁଛନ୍ତି। ଏମିତି କି ସାଇ ପଡିଶା ଲୋକେ ପର୍ବପର୍ବାଣିରେ ସେମାନଙ୍କ ଘରେ ରଙ୍ଗୋଲି କରିଦେବାକୁ କହୁଛନ୍ତି।

## ଛାତ ଉପରେ ଚୂନରେ କରୁଥିଲି ରଙ୍ଗୋଲି: ଦେବାଶିଷ ସାହୁ


ଛଅ ସାତ ବର୍ଷର ହୋଇଥିଲି। ମା' ଓ ଜେଜେମା' ଯେତେବେଳେ ରଙ୍ଗୋଲି କରୁଥିଲେ ତାକୁ ଦେଖି ଦେଖି ହାତରୁ ମୁରୁଜ  ଭଲରେ ଖସୁ ନ ଥିଲେ ବି ରଙ୍ଗୋଲି କରିବାକୁ ଚେଷ୍ଟା କରୁଥିଲି। ସାଇ ପଡ଼ିଶା ଲୋକ ଦେଖି କହୁଥିଲେ ତୁ କ'ଣ ଝିଅ ପିଲା ଯେ ରଙ୍ଗୋଲି କରୁଛୁ। ତଥାପି ମୋ ରଙ୍ଗୋଲି ନିଶା ଛାଡୁ ନ ଥିଲା। ଆମ ଘରର ଛାତକୁ ଯିବା ପାଇଁ ଶିଡ଼ି ନ ଥିଲା।  ଗୋଟେ ଶିଡ଼ି ଆଣି ଉପରକୁ ଯାଇ ଲୁଚି ଲୁଚି ଚୂନରେ ରଙ୍ଗୋଲି କରୁଥିଲି। ଟିକେ ବଡ଼ ହେବାପରେ ଭାବିଲି ରଙ୍ଗୋଲିକୁ ମୋଡିଫାଏ କରି କିଛି ନୂଆ ଢଙ୍ଗରେ କରିବି। ସେଥିପାଇଁ ବହୁତ ପ୍ରୟାସ ବି କଲି। ୨୦୧୬ରେ ଆମ ଗାଁ ବାଲେଶ୍ୱରସ୍ଥ ଗାନ୍ଧି ସ୍ମୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାବେଳେ ସେଠି ମୁଁ ନାରୀଶକ୍ତିକୁ ପ୍ରଦର୍ଶିତ କରି ଏକ ନିଆରା ରଙ୍ଗୋଲି କଲି, ଯାହାକୁ ଦେଖି କେଶୁ ଦାଶ ସାର୍ ଭାରି ଖୁସି ହେଲେ। ବହୁତ ପ୍ରୋତ୍ସାହିତ କରିବା ସହ କିଛି ଟିପ୍ସ ବି ଦେଲେ। ଏହାପରେ ମୁଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନ୍ୟାଶନାଲ ଲେଭଲ୍ ପର୍ଯ୍ୟନ୍ତ ଗଲି। ରଙ୍ଗୋଲିରେ ଏକ୍ସପେରିମେଣ୍ଟ କରିଚାଲିଥାଏ। ଫଳରେ ବାଲେଶ୍ୱର ରାହାଗିରିରେ ସବୁଠୁ ବଡ଼ ରଙ୍ଗୋଲି ଆମ ଟିମ୍ କଲା। ରଥଯାତ୍ରା ଓ କାର୍ତ୍ତିକ ମାସରେ ଶ୍ରୀମନ୍ଦିର ସାମ୍‌ନାରେ ବି ରଙ୍ଗୋଲି କଲି। କଟକ ଜୁଡିସିଆଲ ଏକାଡେମୀରେ ରଙ୍ଗୋଲି କରିଛି। ବରିଷ୍ଠ ତୀର୍ଥଯାତ୍ରୀଙ୍କ ପାଇଁ ପ୍ରତିବର୍ଷ ରେଳଷ୍ଟେଶନ୍‌ରେ ରଙ୍ଗୋଲି କରୁ। ବଡ଼ ରଙ୍ଗୋଲି କରିବାକୁ ଥିଲେ ମୁଁ ମୋ ଟିମ୍‌କୁ ନିଏ। ମୋ ଟିମ୍‌ର ନାଁ ହେଉଛି 'ଶିଳ୍ପୀ ପରିବାର'। ଆଇଟିଆଇ ଛକରେ ହୋଇଥିବା ଜଗନ୍ନାଥ ଚେତନା ମେଳାରେ ମୁଁ ମୋ ଟିମ୍ ସହ ପ୍ରତିଦିନ ଜଗନ୍ନାଥଙ୍କର ବିଭିନ୍ନ ବେଶକୁ ରଙ୍ଗୋଲିରେ କରିଥିଲୁ। ଶେଷଦିନ କରିଥିବା ସୁନାବେଶର ରଙ୍ଗୋଲି ଖୁବ୍ ସୁନ୍ଦର ହୋଇଥିଲା। ଲାଗୁଥିଲା ସାକ୍ଷାତ ମହାପ୍ରଭୁ ଆବିର୍ଭାବ ହେଇଛନ୍ତି। ଆମ ଟିମ୍‌କୁ ଏଥିପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାମମନ୍ଦିର ପ୍ରତିଷ୍ଠା ସମୟରେ ରାମ ଦରବାରର ରଙ୍ଗୋଲି କରିଥିଲୁ। ପାରମ୍ପରିକ ରଙ୍ଗୋଲି ସହ ମୁଁ ଥ୍ରୀ ଡି ରଙ୍ଗୋଲି, ଶେଡିଂ ରଙ୍ଗୋଲି, ପୋଟ୍ରେଟ ରଙ୍ଗୋଲି ବି କରୁଛି। ରଙ୍ଗୋଲି ପାଇଁ ଆଜି ଲୋକ ମତେ ଚିହ୍ନୁଛନ୍ତି। ତେଣୁ ମୁଁ ମୋ ମୂଳଦୁଆକୁ କେବେ ଭୁଲେନି। କାର୍ତ୍ତିକ ମାସ, ମାଣବସା, ଦୀପାବଳିରେ ଏବେ ବି ମୁଁ ଘରେ ରଙ୍ଗୋଲି କରେ। ରଙ୍ଗୋଲି କରିବା ବାଦ୍ ମୁଁ ଏମ୍‌ବିଏ କରିବା ପରେ ବାପାଙ୍କ ବ୍ୟବସାୟ ସମ୍ଭାଳୁଛି। ଯେହେତୁ ମୁଁ ବିନା ତାଲିମରେ ରଙ୍ଗୋଲି କରୁଛି ଏହି କଳାରେ ସିଦ୍ଧହସ୍ତ ହେବାପାଇଁ ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ପେଣ୍ଟିଂର ଏକ ୱିକେଣ୍ଡ କୋର୍ସ କରୁଛି। ଏବେ ବିଭିନ୍ନ ରଙ୍ଗୋଲି ପ୍ରତିଯୋଗିତାରେ ଜଜ୍ ହେଉଛି। ଯେଉଁମାନେ କହୁଥିଲେ ରଙ୍ଗୋଲି କରି କ'ଣ ପାଇବୁ? ସେମାନେ ଏବେ ମୋ ପାଇଁ ଖୁସି ହେଉଛନ୍ତି ଓ ଗର୍ବ କରୁଛନ୍ତି।

ଏଇ କଳାକାରମାନେ ହିଁ ପ୍ରମାଣ କରିଦେଇଛନ୍ତି ସତରେ କଳା ପାଇଁ ନାହିଁ କିଛି ଲିଙ୍ଗ ଭେଦ। ଦିନେ ଯେଉଁ ଝୋଟି ଓ ରଙ୍ଗୋଲି ଥିଲା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ତାକୁ ଆପଣେଇ ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ଗଢିବା ସହ ଏହି କଳାକୁ ନୂଆ ରୂପ ଦେଇ ସାରା ବିଶ୍ୱରେ ପରିଚିତ କରାଇଛନ୍ତି।


-ଶିବାନୀ ମହାନ୍ତି


ଦେବାଶିଷ ସାହୁ

# ଦିନମଜୁରିଆଙ୍କ ଚଳଣି ମୋ କବିତାର ସ୍ୱର



**ବ**ଣ ପାହାଡ଼ଘେରା ପ୍ରାକୃତିକ ଶୋଭାକୁ ସେ ଉପଭୋଗ କରନ୍ତି। ନିପଟ ଗାଉଁଲି ମୁଲକର ମଣିଷଙ୍କ ଭାବ, ଭାଷା ଓ ଆବେଗକୁ ନେଇ କଥାକବିତାରେ ସେ ଫୁଟେଇଛନ୍ତି ସେମାନଙ୍କ ମନ ତଳର ଅନେକ କୁହା ଅକୁହା କଥା। ଏକାଧାରରେ ସେ ଜଣେ ଶିକ୍ଷାବିତ୍‌, କବି, ଗାଳ୍ପିକ ଓ ପ୍ରାବନ୍ଧିକ । ସେ ହେଲେ **ଭରତ ବେହେରା**। ଜନ୍ମ ୧୮.୭.୧୯୫୩ମସିହାରେ। ମାତା ସରସ୍ୱତୀ ବେହେରା, ପିତା ବାଉରୀ ବେହେରା। ଘର ବାଲେଶ୍ୱର ଜିଲାର ବାହାନଗା ଅଧୀନ ଏକ ଆଦିବାସୀ ଅଧ୍ୟୁଷିତ ସିକିଡ଼ିଆ ଗାଁରେ। ସେ କୁହନ୍ତି -''ମୋ ଗାଁ ଚାରିପଟକୁ ଘେରିରହିଛି ପଥର ଖଣି। ଗଡ଼ଜାତ ଆଦିବାସୀ ଅଞ୍ଚଳର କୋଣକୋଣ ନିଃଶବ୍ଦ ଅରଣ୍ୟ ଓ ସଶବ୍ଦ ଝରଣାର କୁଳୁକୁଳୁ ନାଦ ଏଠାରେ ଯେ କୌଣସି ସୃଜନଶୀଳ ମଣିଷର ହୃଦୟକୁ ଛୁଇଁପାରିବ। ରାଜାରାଜୁଡ଼ା ଓ ଇଂରେଜ ଶାସନରେ ନିଷ୍ପେଷିତ ହୋଇଥିବା ମଣିଷଙ୍କ ଗୁମୁରି ବାହୁନିବାର ମର୍ମସ୍ପର୍ଶୀ ସ୍ୱରକୁ ଅନୁଭବ କରିହେବ। ମୋ ପିଲାଦିନ କଟିଛି ଯୌଥପରିବାରରେ। ଏକ ଚାଷୀ ପରିବାରରେ ଆମେ ଥିଲୁ ତିନିଭାଇ ଏବଂ ମୋର ଚାରି ଭଉଣୀ। ଗାଁ ପାଖ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୁଏ ମୋର ପାଠପଢ଼ା। ସେଠାରେ ପଞ୍ଚମ ଯାଏ ପଢ଼ିଲି। ଦୂରବର୍ତ୍ତୀ ଗାଁରେ ମାଇନର ପଢ଼ା ହେଲା। ପରେ ହାଇସ୍କୁଲ ଓ କଲେଜରେ ପଢ଼ିଲି। ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ଆମେ ଭାଇ ଭଉଣୀଙ୍କ ମଧ୍ୟରେ ପଦ୍ୟାନ୍ତର ପ୍ରତିଯୋଗିତା ଚାଲିଥାଏ। ମୁଁ କେବେ ଶ୍ରୋତା ଥାଏ ତ ପୁଣି କେବେ ପ୍ରତିଯୋଗୀ ହୋଇଥାଏ। ପ୍ରତିଯୋଗୀଙ୍କୁ ଅନ୍ତାକ୍ଷରୀର ମୁଖଡ଼ା ଫୁସ୍‌ଫୁସ୍‌କରି କହିଦିଏ। ଏହି ପ୍ରତିଯୋଗିତାରୁ ମୋ ମନରେ ସୃଜନଶୀଳତାର ଭାବ ଜାଗ୍ରତ ହୋଇଥିଲା। ବାଲ୍ୟକାଳରେ ରୁଗ୍ଣ ଥିଲି, ସେତେବେଳେ ମୋ ମା' ଗାଁ ଠାକୁରାଣୀଙ୍କ ପାଖକୁ ନେଇ ଭଲ କରିବା ପାଇଁ ମାନସିକ କରିଥିଲା। ଏଠାରେ ମନ୍ଦାରଫୁଲ ମନ୍ତୁରା, ଚାଉଳ ଓ ନାହି ବେତ ବୁଲାଇ ରୋଗଭଲ କରିବାର ଥିଲା ବ୍ୟବସ୍ଥା। ଆମ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପଞ୍ଚମ ବୋର୍ଡ ପରୀକ୍ଷା ଦେବା ପର୍ଯ୍ୟନ୍ତ ମୋର ପରିଧାନ ଥିଲା ଗାମୁଛା ଓ ଗଞ୍ଜିଟିଏ। ଶୀତଦିନେ ଆମ ସାରା ପରିବାର ହେଁସ ଘୋଡ଼ି ହୋଇ ଶୋଉଥିଲୁ। ମାଇନର ସ୍କୁଲଠାରୁ ଚାକିରି ଯାଏ ହଲେ ପ୍ୟାଣ୍ଟ ଶାର୍ଟକୁ ଧୋଇ ଶୁଖାଇ ପିନ୍ଧୁଥିଲି। ଥରେ ପଥର ପିଟିବାକୁ ଯାଇଥିଲି, ଗେଟି ପିଟିବା ସମୟରେ ଛିଟିକା ଆଖିରେ ବାଜି ପାଞ୍ଚ ଦିନ ଲାଲ ପଡ଼ିଥିଲା। ହଁ ଗେଟିପିଟିବାଠାରୁ ହଳ କରିବା, କାଠ ଚିରିବା, ଘାସ, ଧାନ କାଟିବା, ଶୀତଦିନେ ପାହାନ୍ତା ରାତିରୁ ଗୁହାଳରୁ ବଳଦ ନେଇ ବେଙ୍ଗଳା ପକାଇବା, ବିଲରେ ଧାନ କାଟିବା, ଘର ନଡ଼ା ଛପର କରିବା ଆଦି କାମ କରିଛି। ପୁଣି ଘରେ ବେଳେ ବେଳେ ଢିଙ୍କିରେ ଧାନ କୁଟିବାକୁ ପଡ଼ିଛି। ଧାନ ଓ ଘାସ କାଟିବା ବେଳେ କେତେଥର ଦାଆରେ ଆଙ୍ଗୁଳି କଟିଯାଇଛି। ଥରେ ଆଣ୍ଠୁ ପକାଇ ବିଲ ବାଛିବା ବେଳେ ଗେଣ୍ଡାର ଦାଣ୍ଡୁଆ ପାଟିରେ ଆଣ୍ଠୁ କଟି ଧାନ କିଆରି ରକ୍ତାକ୍ତ ହୋଇଯାଇଥିଲା। ସେ ଦାଗ ଏବେ ବି ଡାହାଣ ଗୋଡ଼ରେ ରହିଛି। ଯେତେବେଳେ ଧାନ ପାଚେ ବିଲରେ ହାତୀ ପଲ ଓ ବାର୍ହାଙ୍କୁ ଘଉଡ଼ାଇବା ପାଇଁ ଟିଣ, ବାଜା ବଜାଉ। ମୋର ହାତୀ, ବାଘଙ୍କ ହେଣ୍ଟାଳ ଶବ୍ଦ, ବଣ କୋଇଲିର ମଧୁର ସ୍ୱର, ପାହାଡ଼ୀ ଝରଣାର କୁଳୁକୁଳୁ ନୀରବ ଗୁଞ୍ଜନ, ନିଃସ୍ୱ ଶ୍ରମଜୀବୀଙ୍କ କରୁଣ ଆର୍ତ୍ତନାଦ ଶୁଣିବାର ଅନୁଭୂତି ରହିଛି। କିନ୍ତୁ ୧୯୭୧ରେ ପ୍ରି ୟୁନିଭରସିଟି ପରୀକ୍ଷା ପରେ ଆମର ଯୌଥପରିବାର ଭାଙ୍ଗିଗଲା। କେନ୍ଦୁଝର କଲେଜରେ ୧୯୭୨ରୁ ୭୪ ବିଏ ଅଧ୍ୟୟନ ବେଳେ ସର୍ଜନାର ବୀଜ ମୋ ମନରେ ଅଙ୍କୁରୋଦ୍‌ଗମ ହୋଇଥିଲା। ପାହାଡ଼, ଝରଣା, ନଦୀ ଛଡ଼ା ସେଠାକାର ଆଦିବାସୀ ଲୋକ ମୋ ମନକୁ ବେଶ୍ ଛୁଉଁଥିଲା। ପ୍ରକୃତି, ଅରଣ୍ୟ ସହିତ ମଣିଷଙ୍କର ସରଳ ଭାବ ମୋ କବିତା ଲେଖାର ଉତ୍ସ ହୋଇଗଲା। କଲେଜରେ ସୁରେନ୍ଦ୍ର ନାଥ ଦାଶ ନୂଆ ଅଧ୍ୟାପକ ଭାବେ ଯୋଗ ଦେଇଥାନ୍ତି। ବିଏ ପଢ଼ିବା ବେଳେ ମୋର ଅର୍ଥନୀତି ସମ୍ମାନ ଓ ଓଡ଼ିଆ ପାସ୍ ଥିଲା। ସୁରେନ୍ଦ୍ର ସାର୍ ମୋତେ ଓଡ଼ିଆ ବହି ବେଶି ବେଶି ପଢ଼ିବା ପାଇଁ ପ୍ରବର୍ତ୍ତାଉଥିଲେ। କବି ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ଗୋପାଳ ମିଶ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରବି ସିଂ, ଅନନ୍ତ ପଟ୍ଟନାୟକଙ୍କ ସବୁ କବିତା ବହି ପଢ଼ି ଅନେକ ପ୍ରେରଣା ପାଇଛି। ସୁରେନ୍ଦ୍ର ସାର୍ ଓ ମୋର ସହପାଠିନୀ ବାସନ୍ତୀ ଶତପଥୀ କବିତା ଲେଖିବା ପାଇଁ ମୋତେ ଉତ୍ସାହିତ କରିଥିଲେ। କବିତା ଲେଖିବା ପାଇଁ ଶବ୍ଦ, ରୂପ, ରାଗ, ଛନ୍ଦ ଦରକାର। ଏହା ବ୍ୟତୀତ କବିତାର ବିଷୟ ବସ୍ତୁକୁ ନେଇ କ'ଣ ହେବ ବହୁ ସମୟ ଧରି ଭାବିଛି। ପ୍ରେମ, ଧର୍ମ, ସାମାଜିକ ଚେତନା ଓ ଆଉ କିଛି ସୁଖ ଦୁଃଖ ଅନୁଭୂତିକୁ ନେଇ ଲେଖିଛି। ଦଶଖଣ୍ଡ କବିତା ପୁସ୍ତକ, ପାଞ୍ଚଖଣ୍ଡ କବିତା ସମାଲୋଚନା ପୁସ୍ତକ ଏବଂ ପ୍ରବନ୍ଧ ଲେଖିଛି। ମୁଁ ଜାଣିଥିଲି କବିତା ବ୍ୟତୀତ ପ୍ରବନ୍ଧ ହେଉଛି ସାହିତ୍ୟର ହୃତ୍‌ପିଣ୍ଡ। ସେହି ହୃଦୟକୁ ସ୍ପର୍ଶ କରିବାକୁ ଚେଷ୍ଟାକରେ। ସମୟକ୍ରମେ ୧୯୭୭ରେ ଖଲ୍ଲିକୋଟ କଲେଜ ବ୍ରହ୍ମପୁରରେ ଏମ.ଏ. ଏବଂ ୧୯୭୮ରେ ନୀଳଗିରି କଲେଜରେ ଅର୍ଥନୀତି ବିଭାଗରେ ଅଧ୍ୟାପକ, ପରେ ଧାମନଗର କଲେଜକୁ ବଦଳି, ୧୯୯୩ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅର୍ଥନୀତରେ ପିଏଚ୍‌ଡି ପାଇଲି। ୨୦୦୫ରେ ଶ୍ରୀନିବାସ କଲେଜ ମଙ୍ଗଳପୁର, ସୋରକୁ ବଦଳି ଏବଂ ଏଠାରେ ଅଧ୍ୟକ୍ଷଭାବେ ୨୦୧୩ରୁ ଅବସର ନେଇସାରିଲିଣି। ଦିନମଜୁରିଆ ମଣିଷଙ୍କର ଚଳଣି ହିଁ ମୋ କବିତାର ସ୍ୱର ।''






ତାଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ କବିତା ସଂକଳନ- କୁହୁଳାଭୂଇଁ, ପକ୍ଷପରାଗ, ମୌନାବତୀ ମାଟି, ଉଲଙ୍ଗ ଉତ୍ପିତ, ମୁଦ୍ରିତ ମହକ, ପରାର୍ଥ ପାଦ, ଆବରଣ, ଭାରତବର୍ଷ, ବିବାକ ବସୁଧା, ନିଃଶବ୍ଦ ନିନାଦ, କବିତାର କାରୁକାର୍ଯ୍ୟ, ସୃଷ୍ଟି ସୀମାନ୍ତ, କବିତାର ସ୍ୱର ସ୍ୱାକ୍ଷର, ଓଡ଼ିଆ କବିତାର ପଞ୍ଚମ ସ୍ୱର। ତାଙ୍କ ସୃଜନଶୀଳତା ପାଇଁ ସେ ଅନେକ ସମ୍ମାନରେ ସମ୍ମାନିତ। ଯାହା ମଧ୍ୟରେ ଚଲାପଥ କବିତା ସମ୍ମାନ, ଅସ୍ତରାଗ ସାହିତ୍ୟ ସମ୍ମାନ, ସ୍ମୃତିଲିପି ସମ୍ମାନ, ଉପେନ୍ଦ୍ର ନାଥ କଲେଜ ସାହିତ୍ୟ ସମ୍ମାନ, ବୈଜ୍ଞାନିକ ଚର୍ଚ୍ଚା ସମ୍ମାନ, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ, ଗାଁ ମଜଲିସ୍ କବିତା ସମ୍ମାନ, ଚେତାବନୀ ପ୍ରବନ୍ଧ ସମ୍ମାନ ଆଦି ଶତାଧିକ ସମ୍ମାନ ଓ ପୁରସ୍କାର ଅନ୍ୟତମ।

-ବନବିହାରୀ





# ନାରୀ ପୃଥିବୀ, ପୃଥିବୀ ନାରୀ

**–ପ୍ରଶାନ୍ତ କୁମାର ଦାଶ**

**ମୋ** ଭିତରେ ନାରୀଟିଏ
ଛଳଛଳ ନଈ ହୋଇ ବହି ଚାଲିଛି ଅବିରାମ ଗତିରେ,
ସଂସାରର ସବୁ ଘୃଣା, ତା’ଠି ପାଲଟି ଯାଉଛି ପ୍ରେମ,
ତା’ କୂଳରେ କରୁଣା ଓ କ୍ଷମାର ବୃକ୍ଷଲତାମାନେ
ମୁଦ୍ରିତ ନୟନରେ ଏକଲୟେ ଉଚ୍ଚାରୁଛନ୍ତି
ତ୍ୟାଗ ଓ ସମର୍ପଣର ମହାମନ୍ତ୍ର,
ଛୋଟରୁ ବଡ଼ ପଥର ପର୍ଯ୍ୟନ୍ତ ମିଳିତ ଭାବେ ଧରୁଛନ୍ତି ପାଳି ।
ତା’ ଭିତରେ ନାରୀଟିଏ,
ଅନ୍ୟ ଆଖିମାନଙ୍କର ଲୁହକୁ ନିମିଷକେ
ନିଜ ଆଖିରୁ ବୁହେଇ ଦେବାର କୌଶଳ ଯାହାକୁ ବେଶ୍ ଜଣା ଓ
ନିଜର ହସକୁ ଦୁଃଖମାନଙ୍କ ମଧ୍ୟେ ସଉଲ୍ଲାସେ ବାଣ୍ଟିଦେବାରେ
ଯା’ର ତିଳେମାତ୍ର ଦୁଃଖ ନ ଥାଏ ।

ତୋ ଭିତରେ ନାରୀଟିଏ
ଲାଲ୍‌ନିଆଁ ହୋଇ ଖେଦି ଯାଉଛି ସ୍ୱର୍ଗ–ମର୍ତ୍ତ୍ୟ–ପାତାଳ,
ଓଃ ସେ ଦୃଶ୍ୟ କି ଭୟଙ୍କର !
ନିଆଁର ଲହଲହ ଜିହ୍ୱା ଦେଖି କାମ, କ୍ରୋଧ, ଲୋଭ, ହିଂସା ଓ ପାପ
ଆତ୍ମହତ୍ୟା କରିବାକୁ ହେଲେଣି ପ୍ରସ୍ତୁତ,
ତ୍ରାହି ତ୍ରାହି କରୁଛି ଜଗତ ।

ସେମାନଙ୍କ ଭିତରେ ନାରୀଟିଏ,
ଉର୍ଜାରେ କାତ୍ୟାୟନୀ , ଧୈର୍ଯ୍ୟରେ ମହାକାଳୀ ,
ଜ୍ଞାନରେ ସରସ୍ୱତୀ ଓ ସମ୍ପଦରେ ଲକ୍ଷ୍ମୀ ।

ନାରୀ ପୃଥିବୀ–ପୃଥିବୀ ନାରୀ,
ଆଉ କବି ତ ଆଜନ୍ମ ନାରୀ ।

*–ରେଗଡ଼ା, ଏମ.ରାମପୁର, କଳାହାଣ୍ଡି*
*ମୋ: ୭୭୩୫୪୧୯୫୭୩*

# ରକ୍ତ ଗୋଲାପ

**– ସୁଶ୍ରୀ ସୁନନ୍ଦା**



**ସେ**ଦିନ କୋଡ଼ିଏ ଟଙ୍କାରେ କିଣିଥିବା ଦୁଇଟାଯାକ ରକ୍ତ ଗୋଲାପ ବର୍ଷାରେ ଭିଜୁଥିବା ମୋ ସହ ଭିଜୁଥିଲା । ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ତା’ ଟ୍ରେନ୍‌ଟା ଛାଡ଼ି ଦେଇଥିଲା । ଅଞ୍ଜଳି ପଢ଼ିବାକୁ ଚାଲି ଗଲାନି ଯେ, ପାଞ୍ଚ ବର୍ଷ ଅପେକ୍ଷାର ସୁଅରେ ଭସେଇ ଦେଇ ଗଲା ମୋତେ ।
ମନଟା ମରିଗଲା, ନା ସେଦିନ ଗୋଲାପ ଦେଇପାରିଲି, ନା ତାକୁ ଫୋପାଡ଼ି ପାରିଲି..... !!

ଚାହୁଁ ଚାହୁଁ ଆଜିକୁ ପାଞ୍ଚ ବର୍ଷ ବିତିଯାଇଛି କିନ୍ତୁ ମନର କଥା ତା’ ଯାଏଁ ପହଞ୍ଚି ପାରିଲା ନାହିଁ ।
ତା’ ପସନ୍ଦର ବଛା ବଛା ଫୁଲର ବୁକେ ନେଇ ବାହାରୁଥିବା ବେଳେ, ପାଞ୍ଚ ବର୍ଷରୁ ସାଇତି ଥିବା ସେ ଶୁଖା ଗୋଲାପଟା ମୋତେ ଅଟହାସ୍ୟ କରି ପ୍ରଶ୍ନ କରୁଥାଏ, ‘‘ଦେଖ୍ ମୋ ଭଳି ତା’ର ଅବସ୍ଥା ହେବନି ତ ! ମୋତେ କାହିଁ ଲାଗୁନି ସତରେ କ’ଣ ସେ ତା’ପାଖରେ ପହଞ୍ଚିପାରିବ ?’’
ଅନେକ ପ୍ରଶ୍ନର ଢେଉକୁ ପାରି କରି ଯାଇ ପହଞ୍ଚିଲି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଷ୍ଟେସନ୍‌ରେ ।
ସରି ଆସୁଥିବା ସମୟଟା ମୋ ହୃଦସ୍ପନ୍ଦନକୁ ଆହୁରି ବଢ଼ାଇ ଦେଉଥାଏ ।
ନିଜ ସହ କଥା ହୋଇ ମୋ ଅସ୍ଥିର ମନର ଫାଶରୁ ନିଜକୁ ମୁକ୍ତ କରୁଥିବାବେଳେ, ସେ ଆସି କେତେବେଳେ ମୋ ପାଖରେ ଛିଡ଼ା ହୋଇଯାଇଛି ତାହା ମୋ ଅନୁଭବ ବାହାରେ । ମୋ ହୃଦ୍‌ସ୍ପନ୍ଦନ ବଢୁଥାଏ । ମନଟାକୁ ଆଉ ରୋକି ପାରୁ ନଥାଏ । ଭାବୁଥାଏ କେମିତି କହିବି ବର୍ଷ ବର୍ଷ ଧରି ସାଇତିଥିବା ଭାବନାକୁ । ଆଉ ମୋ କଥା ଶୁଣି ସେ କ’ଣ କହିବ, ଏମିତି ଭାବନା ଭିତରେ ଥିବାବେଳେ, ଅଞ୍ଜଳି ତା’ ବାମ ହାତର ସୁନା ମୁଦି ପିନ୍ଧା ଆଙ୍ଗୁଠିକୁ ବଢ଼େଇ ଦେଇ କହିଲା,
‘‘ରାହୁଲ୍ !...ଏଇ ଖବରଟା ମୁଁ ଦେବି ଦେବି ବୋଲି ବର୍ଷେ ହେଲାଣି ଅପେକ୍ଷା କରିଥିଲି । ବ୍ୟସ୍ତ ବ୍ୟସ୍ତରେ ନିର୍ବନ୍ଧକୁ ଡାକି ପାରିଲି ନାହିଁ କିନ୍ତୁ ବାହାଘରକୁ ଯେମିତି ହେଲେ ଆସିବାକୁ ପଡ଼ିବ... ସେତେବେଳେ କିଛି ବାହାନା ଚଳିବନି ।’’

ପାଞ୍ଚ ବର୍ଷର ମୋ ସାଇତା ସ୍ୱପ୍ନଟା ପାଞ୍ଚ ସେକେଣ୍ଡରେ ଯେମିତି ଭାଙ୍ଗିଗଲା । ବୁକେ ଟାକୁ ଆଉ ଆଗକୁ ଆଣିବାକୁ ଦେଲିନି । ଆକାଶରେ ଟାଣ ଖରା ସତ୍ତ୍ୱେ ଫୁଲମାନେ ଓଦା ହେଉଥିଲେ ମୋ ଛାତି ଭିତରର ବର୍ଷାରେ । ଆଉ ସେ ସାମ୍ନାରେ ଛିଡ଼ା ହୋଇ ନ ବୁଝିବାର ଖୁବ୍ ସୁନ୍ଦର ଅଭିନୟ କରି ଚାଲିଥିଲା ।



*– ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର,*
*ମୋ: ୯୩୪୮୦୮୮୧୬୬*



# ଦୃଢ଼ମନା ଆୟୁଷ୍ମାନ

ଆୟୁଷ୍ମାନ ଖୁରାନା ଅଭିନୟରେ କେତେ ଦକ୍ଷ ତାହାର ପ୍ରମାଣ ସେ ଅନେକ ସିନେମା ମାଧ୍ୟମରେ ଦେଇସାରିଛନ୍ତି । ହେଲେ ଏହାପୂର୍ବରୁ ତାଙ୍କର ଆକ୍ଟିଂ କ୍ୟାରିୟର ବେଶ୍ ଉତଥାନ ପତନ ମଧ୍ୟରେ ଗତି କରିଥିଲା । ଅଭିନୟ ଜୀବନର ଆରମ୍ଭରେ ଏକଦା ତାଙ୍କର କରନ୍ ଜୋହରଙ୍କ ସହ ଭେଟ ହୋଇଥିଲା । କିଛି କଥାବାର୍ତ୍ତା ହେବାପରେ କରନ୍ ନିଜ ଲ୍ୟାଣ୍ଡଲାଇନ୍ ନମ୍ବର ଆୟୁଷ୍ମାନଙ୍କୁ ଦେଇଥିଲେ । କିନ୍ତୁ ସେ ଯେତେବେଳେ ଫୋନ୍ କଲେ ରିସିପସନ୍‌ରୁ ଉତ୍ତର ଆସିଲା, କରନ୍‌ଙ୍କ ସିନେମାରେ କେବଳ ନାମୀ ଷ୍ଟାରମାନେ ହିଁ ଆକ୍ଟିଂ କରନ୍ତି । ଏକଥା ଶୁଣିବା ପରେ ଭାଙ୍ଗି ପଡିଥିଲେ ଆୟୁଷ୍ମାନ । ତା'ପରେ ନିଜ ମନକୁ ଦୃଢ଼ କରି ଆଗକୁ ଆଗେଇଥିଲେ । ସୁରଜିତ ସିରକାରଙ୍କ 'ଭିକି ଡୋନର୍'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା । ବିଶେଷଭାବରେ 'ଡ୍ରିମଗର୍ଲ' ଫିଲ୍ମ ବଲିଉଡ୍‌ରେ ତାଙ୍କର ଭାଗ୍ୟ ଖୋଲି ଦେଇଥିଲା । ମାତ୍ର ୨୮ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ବକ୍ସ ଅଫିସରେ ୨୦୦କୋଟି ବିଜନେସ୍ କରି ହିଟ୍ ସାବ୍ୟସ୍ତ ହୋଇଥିଲା । ଚଳିତ ମାସ ୨୧ରେ ତାଙ୍କ ଅଭିନୀତ 'ଥାମ୍ମା' ରିଲିଜ ହେବାକୁ ଯାଉଛି । ୧୪୮ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ସରପୋଟଦାର । ଏଥିରେ ରଶ୍ମିକା ମନ୍ଦାନା, ନୱାଜ୍‌ଉଦ୍ଦିନ ସିଦ୍ଦିକୀ ଏବଂ ପରେଶ ରାୱଲ ମଧ୍ୟ ଅଭିନୟ କରିଛନ୍ତି ।



ଆୟୁଷ୍ମାନ

# ଅଭିନୟ କଥା ଭାବି ନ ଥିଲେ ଅନନ୍ୟା..

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଯେ, ଦିନେ ଅଭିନୟକୁ କ୍ୟାରିୟର କରିବେ ଏକଥା କେବେ ଭାବି ନ ଥିଲେ । ହେଲେ ଯେତେବେଳେ ଏନେଇ ମନ ବଳାଇଲେ ସେତେବେଳେ ସେ ନିଜ ମନ କଥା ପ୍ରଥମେ ଚଙ୍କିଙ୍କୁ କହିଥିଲେ । ଆଉ ତା'ପରେ ସତେ ଯେମିତି ସେ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଥିଲା । ଅନନ୍ୟାଙ୍କର ବଡ ପରଦା ଡେବ୍ୟୁ ଆରମ୍ଭ ହୋଇଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'ରୁ । ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ମନଲାଖି ଭୂମିକାଟିଏ ମିଳିନାହିଁ ବୋଲି ସେ କହନ୍ତି । ଅନନ୍ୟା କୁହନ୍ତି, ''ସତ କଥା ହେଲା, ପିଲାଟି ଦିନରୁ ମୋର ଅଭିନୟ ପ୍ରତି ଟିକିଏ ବି ରୁଚି ନ ଥିଲା । ଛୋଟ ଥିବା ବେଳେ ପାପା ଅନେକ ଥର ମୋତେ ଶୁଟିଂ ସେଟ୍‌କୁ ଯିବାକୁ ଡାକନ୍ତି । ହେଲେ ମୁଁ ଯାଇ ନ ଥାଏ । ଯଦି ମୁଁ ସେତେବେଳେ ସେଠାକୁ ଯାଇଥାଆନ୍ତି, ହୁଏତ ଅଭିନୟ ବିଷୟରେ କେତେକ କଥା ମୁଁ ଜାଣିପାରିଥାଆନ୍ତି । ଆଜି ଯଦି ମୁଁ କିଛି ସିନେମାରେ ଅଭିନୟ କରିଛି ତେବେ ଏହାର ଶ୍ରେୟ ଦର୍ଶକଙ୍କୁ ଦେବି । କାରଣ ସେମାନଙ୍କ ଭଲ ପାଇବା ମୋତେ ଆଗକୁ ଆଗେଇବାକୁ ଯଥେଷ୍ଟ ପ୍ରେରଣା ଦେଇଛି ।'' ପିଲାଦିନେ ତାଙ୍କର ଏକ ଅଜବ ଅଭ୍ୟାସ ଥିଲା । ସେ ତାଙ୍କ ନାକକୁ ଜିଭ ଦ୍ୱାରା ଛୁଇଁ ପାରୁଥିଲେ । ସ୍କୁଲରେ ଏଭଳି କରି ସେ ବେଶ୍ ପ୍ରଶଂସିତ ହେଉଥିଲେ । ଅନନ୍ୟା ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ବେଶ୍ ଧ୍ୟାନ ଦେଇଥାଆନ୍ତି ।



ଅନନ୍ୟା

# ତଥାପି ଖୁସି

ପୂଜା ହେଗଡେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଖୁସି ଅଛନ୍ତି । ୨୦୧୬ରେ ତାଙ୍କ ଅଭିନୀତ 'ମହେଞ୍ଜୋଦାରୋ' ରିଲିଜ ହୋଇଥିଲା । ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ହ୍ରିତିକ ରୋଶନ ନାୟକ ସାଜିଥିଲେ । ହେଲେ ବକ୍ସ ଅଫିସରେ ଚିତ୍ରଟି ଆଶାନୁରୂପେ ବିଜନେସ୍ କରିପାରି ନ ଥିଲା । ତଥାପି ଭାଙ୍ଗି ପଡି ନ ଥିଲେ ପୂଜା । ନିଜର ୯ ବର୍ଷର ହିନ୍ଦୀ ସିନେମା କ୍ୟାରିୟରରେ ସେ ଏପର୍ଯ୍ୟନ୍ତ ମାତ୍ର ୫ଟି ସିନେମାରେ ଅଭିନୟ କରିଛନ୍ତି । ହେଲେ ଏହାକୁ ନେଇ ଆଦୌ ମନଦୁଃଖ କରୁନାହାନ୍ତି । ଏ ବିଷୟରେ ସେ କହନ୍ତି, ''ମୁଁ ଯାହା ଚାହିଁବି ଯଦି ତାହା ହୋଇଯିବ ତେବେ ମୋର ସମସ୍ତ ଆଶା ପୂରଣ ହୋଇଯିବ । ଆମର ଭାବନା ଗୋଟିଏ ପଟେ ଥାଏ ଓ ଅନ୍ୟ ପଟରେ ଥାଏ ଆମର ଭାଗ୍ୟ । ଆଶୁତୋ ଗୋୱାରିକରଙ୍କ ପରି ନାମୀ ନିର୍ଦ୍ଦେଶକ ଯେତେବେଳେ ମୋତେ 'ମହେଞ୍ଜୋଦାରୋ' ପାଇଁ ଅଫର୍ ଦେଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି । ପୁଣି ହ୍ରିତିକଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲି । ଫିଲ୍ମଟିକୁ ନେଇ ବହୁତ ଆଶା ରଖିଥିଲି । ଛାଡନ୍ତୁ, ଯାହା ହେଲା ତାକୁ ଗ୍ରହଣ କରିବାକୁ ହିଁ ପଡିବ । ଏକଥା ସତ ଯେ ମୋ ଅଭିନୀତ ଅନେକ ତାମିଲ, ତେଲୁଗୁ ସିନେମା ହିଟ୍ ହୋଇଛି ।'' ୨୦୧୦ରେ ଆୟୋଜିତ ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାରେ ସେ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ ।



ପୂଜା

# ଭାବାନ୍ତର

ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ଭାବାନ୍ତର' ଏବେ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୋଇଛି । ବଡ ପରଦାରେ ଦର୍ଶକାଦୃତ ହେବା ପରେ ଏହି ପ୍ଲାଟଫର୍ମରେ ଚିତ୍ରଟି ପ୍ରଶଂସିତ ହେଉଛି । ଏବେ ଉକ୍ତ ସିନେମା ଅନ୍ୟତମ ଆଗଧାଡିର ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ନିକଟରେ ଷ୍ଟ୍ରିମିଂ ହୋଇଛି । ବିଶେଷଭାବରେ ଏହାର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଛି । ''ଶ୍ରୀତମ, ଶ୍ରାବଣୀ ଓ ମିଲନ–ତିନୋଟି ଚରିତ୍ରକୁ ନେଇ ଏହି ସିନେମାର କାହାଣୀ ଗତିଶୀଳ । ଏଥିରେ ଲଭ୍, ଇମୋଶନ, ତ୍ୟାଗ ଭରି ରହିଛି । ପ୍ରେମକୁ ଏକ ଭିନ୍ନ ପରିଭାଷାରେ ଏଥିରେ ଉପସ୍ଥାପନା କରାଯାଇଛି । ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି ବୋଲି କହନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିଷେକ ଗିରି । ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବେଶ୍ କେତୋଟି ହିଟ୍ ସିନେମାର ନାୟିକା ସାଜି ସାରିଥିବା ସୂର୍ଯ୍ୟମୟୀ ମହାପାତ୍ର । ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଓ ପ୍ରୀୟା ବିଶୋଇ କାଷ୍ଟିଂରେ ଅଛନ୍ତି । ଇମାଜୀନେସନ୍ ଅନଲିମିଟେଡ୍ ବ୍ୟାନରରେ ଫିଲ୍ମଟି ପ୍ରସ୍ତୁତ ହୋଇଛି । ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ଏହାର ପ୍ରଯୋଜନା କରିଛନ୍ତି ଅନନ୍ତ ମହାପାତ୍ର । ତା'ସହ ଚିତ୍ରଟିର ନିର୍ଦ୍ଦେଶନା ମଧ୍ୟ ସେ ଦେଇଛନ୍ତି । ସହ ନିର୍ଦ୍ଦେଶକ ଅଛନ୍ତି ଅଜୟ ରଥ । ଗୀତଗୁଡିକୁ ସ୍ୱର ଦେଇଛନ୍ତି ଶକ୍ତି ପ୍ରସାଦ ମିଶ୍ର ।



'ଭାବାନ୍ତର' ଫିଲ୍ମରେ ଅଭିଷେକ

# ଏବେ ବି ମନେ ପଡେ..

ଜାହ୍ନବୀ କପୁରଙ୍କର ଏବେ ବି ଗୋଟିଏ କଥା ମନେ ପଡେ । ସେହି କଥାକୁ ସେ ସାରା ଜୀବନ ମନେ ରଖିବେ ବୋଲି ବି କହନ୍ତି । ହେଲେ ସେ କଥାଟା ଏମିତି କ'ଣ କି ଯାହାକୁ ସେ ସବୁବେଳେ ମନେ ପକାନ୍ତି ? ତାଙ୍କୁ ସେତେବେଳେ ହୋଇଥାଏ ମାତ୍ର ୧୪ ବର୍ଷ । ଏକଦା ତାଙ୍କ ଘରକୁ ବିଶିଷ୍ଟ ଅଭିନେତ୍ରୀ ରେଖା ଆସିଥାଆନ୍ତି । କାରଣ ଶ୍ରୀଦେବୀଙ୍କ ସହ ତାଙ୍କର ନିବିଡ ବନ୍ଧୁତା ଥାଏ । ଜାହ୍ନବୀଙ୍କୁ ଦେଖିବା ପରେ ରେଖା ତାଙ୍କ ସହ ବେଶ୍ ସମୟ ଗପିଥିଲେ । ଏ ବିଷୟରେ ଜାହ୍ନବୀ କହନ୍ତି, ''ସେଦିନ ରେଖା ଆଣ୍ଟିଙ୍କ ସହ ମୋର ପ୍ରଥମ ଭେଟ ହୋଇଥିଲା । ବେଶ୍ କିଛି ସମୟ ସେ ମୋ ସହ ଗପିଥିଲେ । ସେ ମୋତେ କହିଥିଲେ ଯେ, ମୁଁ ହେଉଛି ତୋର ବଡ ମା' । ଆଉ ଆକ୍ଟିଂ ବିଷୟରେ ସେ ମୋତେ କିଛି ଟିପ୍ସ ଦେଇଥିଲେ । ଥରେ ଏକ କାର୍ଯ୍ୟକ୍ରମରେ ମୁଁ ଅମିତାଭ ବଚ୍ଚନ, ରେଖାଙ୍କ ଅଭିନୀତ 'ମିଷ୍ଟର ନଟବରଲାଲ' ଚଳଚ୍ଚିତ୍ରର ଗୀତ 'ପରଦେଶିୟାଁ..' ତାଳେ ତାଳେ ଷ୍ଟେଜ୍‌ରେ ନାଚିଥିଲି । ତାକୁ ଦେଖି ସେ ମୋତେ ବହୁତ ପ୍ରଶଂସା କରିଥିଲେ । ଆଉ କହିଥିଲେ ଦିନେ ନା ଦିନେ ତୁ ଜଣେ ସଫଳ ଅଭିନେତ୍ରୀ ହେବୁ । ଏସବୁ କଥାକୁ ମୁଁ କଦାପି ଭୁଲିପାରିବି ନାହିଁ । ଏବେ ମଧ୍ୟ କେତେକ ଅଫରକୁ ନେଇ ମୁଁ ତାଙ୍କ ସହ ଆଲୋଚନା କରିଥାଏ । ଯଦି ଆକ୍ଟିଂକୁ ନେଇ ମୋ ମନରେ କିଛି ପ୍ରଶ୍ନ ଉଠେ ତେବେ ମୁଁ ବିଳମ୍ବ ନ କରି ରେଖା ଆଣ୍ଟିଙ୍କୁ ହିଁ ଫୋନ୍ କରେ ।''



ଜାହ୍ନବୀ

# ନୃତ୍ୟ ପ୍ରଶିକ୍ଷିକାରୁ ଅଭିନେତ୍ରୀ

ଅଭିନୟକୁ କ୍ୟାରିୟର କରିବା ଏତେ ସହଜ ନୁହେଁ । ଭଲ ସୁଯୋଗଟିଏ ମିଳିବା, ପୁଣି ଚଳଚ୍ଚିତ୍ରଟି ଦର୍ଶକାଦୃତ ହେବା ଭାଗ୍ୟର କଥା । ଏଇ ଯେମିତି ସାନ୍ୟା ମଲହୋତ୍ରାଙ୍କୁ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ବେଶ୍ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା । ମୁମ୍ବାଇ ଆସିବା ବେଳେ ତାଙ୍କ ପାଖରେ ଥାଏ ମାତ୍ର ୧୦,୦୦୦ଟଙ୍କା । ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରଥମେ ସେ ଜଣେ ନୃତ୍ୟ ପ୍ରଶିକ୍ଷିକା ଭାବରେ କିଛି ଦିନ କାମ କଲେ । ତା'ପରେ ସହଯୋଗୀ କ୍ୟାମେରା ପରିଚାଳନା ଦାୟିତ୍ୱ ତୁଲାଇଲେ । ତା'ପରେ ସତେ ଯେମିତି ଏକ ସୁବର୍ଣ୍ଣ ସୁଯୋଗ ତାଙ୍କୁ ଅପେକ୍ଷା କରି ରହିଥିଲା । ଆମୀର ଖାନ୍‌ଙ୍କ ପରି ନାମୀ ଅଭିନେତାଙ୍କ ପ୍ରଯୋଜିତ 'ଦଙ୍ଗଲ'ର ଅଡିସନରେ ଭାଗ ନେଲେ । ଆଉ ତା'ପରେ ଯାହା ହେଲା ତାହା ପ୍ରାୟ ସମସ୍ତେ ଜାଣନ୍ତି । ଏହି ଫିଲ୍ମରେ ବବିତା ଫୋଘଟ ଭୂମିକା ପାଇଁ ତାଙ୍କୁ ଚୟନ କରାଯାଇଥିଲା । ପ୍ରଥମ ସିନେମା ହିଁ ବକ୍ସ ଅଫିସରେ ସୁପରହିଟ୍ ହେଲା, ଆଉ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବାଟ ଖୋଲିଦେଲା । ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସାନ୍ୟାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡକ ମଧ୍ୟରେ ରହିଛି–'ସିକ୍ରେଟ ସୁପରଷ୍ଟାର', 'ବଧାଇ ହୋ', 'ଫଟୋଗ୍ରାଫ', 'ଲଭ୍ ହଷ୍ଟେଲ', 'ଜୱାନ', 'ସାମ୍ ବାହାଦୁର', 'ବେବି ଜନ୍' ଏବଂ ଚଳିତ ମାସ ୨ ତାରିଖରେ ରିଲିଜ ହୋଇଥିବା 'ସନ୍ନି ସଂସ୍କାରି କି ତୁଲସୀ କୁମାରୀ' । ବର୍ତ୍ତମାନ ସେ ଅଭିନୟ କରିଥିବା 'ଟୋଷ୍ଟର'ଚଳଚ୍ଚିତ୍ରର ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ।



ସାନ୍ୟା

ପ୍ରଥମ ରୋଜଗାର

# ପ୍ରଥମ ଦରମା ଦେଇଥିଲି ବୋଉକୁ

ସ୍ତମ୍ଭକାର, ନାଟ୍ୟକାର, ନିର୍ଦ୍ଦେଶକ **ବିଜୟ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



**ଭ**ଦ୍ରକ ଜିଲାର କୋରୁଆ ଗ୍ରାମରେ ୧୯୫୯ ମସିହା ଜାନୁଆରୀ ୧୦ ତାରିଖରେ ମୋର ଜନ୍ମ। ବାପା ସ୍ୱର୍ଗତ ଭାଗୀରଥି ଦାସ ଜଣେ ଶିକ୍ଷକ ଥିଲେ। ମାତା ଗଙ୍ଗାମଣୀ ଦେବୀ ଗୃହିଣୀ। ଆମର ଥିଲା ଏକ ଯୌଥ ପରିବାର। ତିନି ବାପାଙ୍କର ଆମେ ପନ୍ଦର ପୁଅଝିଅ। ଅର୍ଥାତ୍ ଆମେ ତେର ଭାଇ ଓ ଦୁଇ ଭଉଣୀ। ମୁଁ ଥିଲି ସବୁଠାରୁ ଜ୍ୟେଷ୍ଠ ପୁତ୍ର। ମଧ୍ୟବିତ୍ତ ପରିବାରର ସୁଖ ଦୁଃଖକୁ ପାଖରୁ ଦେଖିଥିବାରୁ, ସମୟର ସୁବିନିଯୋଗ ବିଷୟରେ ମୋର ଯଥେଷ୍ଟ ଅଭିଜ୍ଞତା ଥିଲା। ମୋର ପ୍ରଥମ ଚାକିରି ଜଣେ କୃଷି ଅଧିକାରୀ ଭାବେ। ପ୍ରଥମ ଦରମା ବାପାଙ୍କୁ ଦେଲାବେଳେ ସେ ନାହିଁ ନାହିଁ କରିବାରୁ ବୋଉକୁ ଦେଇ ପରିତୃପ୍ତ ହେଲି। ହେଲେ ଏହା ପୂର୍ବରୁ କୃଷି ବିଜ୍ଞାନର ଛାତ୍ର ଥିଲାବେଳେ କଟକ ଆକାଶବାଣୀରେ ଯୁବବାଣୀ ଉପସ୍ଥାପନା କରି ୨୫ ଟଙ୍କା ଲେଖାଏ ମାସିକ ପାଉଥିଲି ; ଯାହା ନିଜ ଖର୍ଚ୍ଚ ତୁଲାଇବାରେ ସରି ଯାଉଥିଲା।

ଦ୍ୱିତୀୟ ଚାକିରି ମୋର ଦେନା ବ୍ୟାଙ୍କରେ କୃଷି ଅଫିସର ଭାବେ, ଯାହାର ପ୍ରଥମ ଦରମା ଥିଲା ୧୭୭୦ ଟଙ୍କା। ଏତେ ଟଙ୍କା ଖର୍ଚ୍ଚ କରିବି କେମିତି ସେ ଦ୍ୱନ୍ଦ୍ୱରେ ଥିଲି ? କାରଣ ମୋ ବାପା ଟଙ୍କାଟିଏ ବି ନେବେ ନାହିଁ। ସାନଭାଇ ମଧ୍ୟ ସେତେବେଳେ ରେଲୱେରେ ଗାର୍ଡ। ତେଣୁ ଟଙ୍କା ଏତେ ଦରକାର ନ ଥିଲା ତାଙ୍କର। ତଥାପି କିଛି ମାସ ସଞ୍ଚୟ କରି ଏକାବେଳେ ୫ ହଜାର ଟଙ୍କା ବାପାଙ୍କୁ ଦେଇଥିଲି ; ଯାହାକୁ ସେ ବ୍ୟାଙ୍କ୍ ଖାତାରେ ରଖି ଦେଇଥିଲେ। ହେଲେ ତାଙ୍କ ଜୀବନକାଳରେ ସେ ଟଙ୍କାକୁ କେବେ ଖର୍ଚ୍ଚ କରି ନ ଥିଲେ। ପରେ ପରେ ଦେନା ବ୍ୟାଙ୍କ ଛାଡ଼ି ସେଣ୍ଟ୍ରାଲ ବ୍ୟାଙ୍କରେ ଏଏଫ୍‌ଓ ଭାବେ ଯୋଗଦେଲି, ସେହି ଏକା ଦରମାରେ କେବଳ ବଡ଼ ବ୍ୟାଙ୍କ ଭାବି। କିନ୍ତୁ ଦୁର୍ଭାଗ୍ୟବଶତଃ ମୋର ପୋଷ୍ଟିଂ ହେଲା ଆସାମରେ। ବହୁ ଯନ୍ତ୍ରଣା ଓ କଷ୍ଟ ସହି ଓଡ଼ିଶାକୁ ୭ବର୍ଷ ପରେ ବଦଳି ହେଲାରୁ ଶାନ୍ତିରେ ଟିକେ ନିଃଶ୍ୱାସ ମାରିଲି। ଓଡ଼ିଶା ଆସିବା ପରେ ମୁଁ ଜଣେ ଯାତ୍ରା ଲେଖକ ଓ ନିର୍ଦ୍ଦେଶକ ବନିଗଲି। ସେ ବାବଦରେ କିଛି ପାରିଶ୍ରମିକ ବି ମିଳିଲା। ଏଯାବତ୍ ପ୍ରାୟ ୧୦୦ଟି ଯାତ୍ରା ନାଟକର ନିର୍ଦ୍ଦେଶକ, ନାଟ୍ୟକାର, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକର ଦାୟିତ୍ୱ ତୁଲାଇ ସାରିଛି। ଦୁଇଟି ଚଳଚ୍ଚିତ୍ର ପାଇଁ ମଧ୍ୟ କାମ କରିଛି। ମୁଁ ଗୀତ ଓ ସଙ୍ଗୀତ ଦେଇଥିବା ଚଳଚ୍ଚିତ୍ର 'ବାଘ ବଜାରି' ଦୁଇଟି ରାଜ୍ୟ ପୁରସ୍କାର ବି ପାଇଛି। ସେହିପରି ଆଉ ଏକ ଚଳଚ୍ଚିତ୍ର 'ସିନ୍ଦୂରା'ରେ ଗୀତ ରଚନା ସହ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛି, ଯାହା ପାଇଁ ମୋତେ ସମ୍ମାନିତ ବି କରାଯାଇଛି।

ଏସବୁବ୍ୟତୀତ ପାରିଶ୍ରମିକ ନ ମିଳିଲେ ବି ସପ୍ତାହରେ ବିଭିନ୍ନ ଖବରକାଗଜରେ ସ୍ତମ୍ଭମାନ ବି ଲେଖୁଛି। ଯା'ଭିତରେ ପ୍ରାୟ ଅଢ଼େଇ ହଜାର ସ୍ତମ୍ଭ ଲେଖିସାରିଲିଣି। ଏଥିପାଇଁ ରୋଜଗାର କହିଲେ ମୋତେ ମିଳିଛି ପାଠକଙ୍କର ଅଜସ୍ର ଭଲପାଇବା ; ଯାହାକୁ ନେଇ ମୁଁ ବେଶ୍ ପରିତୃପ୍ତ। ଏହାଛଡ଼ା ଦୀର୍ଘ ୩୫ ବର୍ଷ ହେବ 'ସାଧନା' ନାମକ ଏକ ସାମାଜିକ ଅନୁଷ୍ଠାନର ସଭାପତି ଦାୟିତ୍ୱ ବି ତୁଲାଉଅଛି। ସାହିତ୍ୟ ପତ୍ରିକା 'ଅତଏବ ଅ'ର ମଧ୍ୟ ମୁଁ ମୁଖ୍ୟ ସମ୍ପାଦକ ଅଛି। ସେହିପରି 'ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ଅଧିକାରୀ ସଂଘର ସଭାପତି ଥିଲି ଆଉ ଏବେ ସେବାନିବୃତ୍ତ ଅଧିକାରୀ ସଂଘର ସଭାପତି ଅଛି। ଏଥିସହିତ ଅପେରା ମାଷ୍ଟର୍ସ ଆସୋସିଏଶନର ସଭାପତି ରହିବା ସହ ଶତାବ୍ଦୀ କଳାକାର ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଦାୟିତ୍ୱ ବି ଏବେ ତୁଲାଉଅଛି।

କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ଗୁଣ୍ଡୁଚିମୂଷାର ଭୂମିକା ନିର୍ବାହ କରିବା ଭିତରେ କେତେ ରୋଜଗାର ହୋଇଛି ତା'ର ହିସାବ ମୁଁ କେବେ ରଖେନାହିଁ। କାରଣ ମୋ ପାଇଁ ଟଙ୍କା ଅପେକ୍ଷା ଲୋକଙ୍କ ଭଲପାଇବା ଗୁରୁତ୍ୱ ରଖେ।

# ପାହାନ୍ତି ସପନ ସାଥିରେ ଧରି, ନିଇତି ଲେଖୁଛି ଲଭ୍ ଷ୍ଟୋରି

**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ମୋ ସପନରେ ଆସୁଛି। ତାକୁ ଭାବି ଭାବି ରାତିରେ ନିଦ ହେଉନି। ମୁଁ ସିନା ତାକୁ ନେଇ ଏତେ ସପନ ଦେଖୁଛି, ହେଲେ ସେ ମୋ ମନ ରାଇଜର ପ୍ରିୟତମା ହୋଇ ରହିବ ତ ?

*–ଆକାଶ ସାହୁ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ତନ୍, ମନ୍ ସବୁ ସପନରେ ଲୀନ ହୋଇଯାଇଛି। ସେହି ଅନନ୍ୟ ସୁନ୍ଦରୀର ରୂପ ମାୟାରେ ଆପଣ ଫୁଲ୍ ମତୁଆଲା। ହେଲେ କେବଳ ତାକୁ ନେଇ ଗୁଡାଏ ସ୍ୱପ୍ନ ଦେଖୁଛନ୍ତି। 'ପାହାନ୍ତି ସପନ ସାଥିରେ ଧରି, ନିଇତି ଲେଖଇ ଲଭ୍ ଷ୍ଟୋରି।' ଏତିକି ମନେ ରଖିବା ଦରକାର, ସ୍ୱପ୍ନ ଆଉ ବାସ୍ତବତା–ଏ ଦୁଇଟି ଭିତରେ ଆକାଶ–ପାତାଳ ତଫାତ। ତେଣୁ ଆଉ ବେଶୀ ସପନ ନ ଦେଖି ବାସ୍ତବ ରାଇଜରେ ମନର ମାନସୀକୁ ଖୋଜନ୍ତୁ। ଯଦି ପାଇଗଲେ ଆଉ ଦୁହିଁଙ୍କ ମନ ମିଶିଗଲା, ତେବେ ଜାଣିନିଅନ୍ତୁ–ସୋନେ ପେ ସୁହାଗା !

**ପ୍ରଶ୍ନ**–ଜଣେ ସୁନ୍ଦରୀ ସହ ମୋର ଏକ ପାର୍କରେ ଭେଟ ହେଲା। ବେଶ୍ କିଛି ସମୟ କଥା ହେବା ପରେ ମୋତେ ଯାହା ଲାଗୁଛି ଆମ ଦୁହିଁଙ୍କ ଭିତରେ ପ୍ରେମ ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ ଆଗକୁ ଆଗେଇଲେ ଠିକ୍ ହେବ କି ?

*–ଅମନ କୁମାର, ସୋନପୁର*

**ଉତ୍ତର:**ଯଦି ଆପଣଙ୍କ ଅନୁମାନ ଠିକ୍ ହୋଇଥାଏ, ଆଉ ଯଦି ଦ୍ୱିତୀୟ ଥର ଭେଟ ହୁଏ ତେବେ ସମୟ ସୁବିଧା ଦେଖି ମନ କଥା ତାଙ୍କ ସାମନରେ ଉଗାଳି ପକାନ୍ତୁ। ଯଦି ଯତିପାତ ଠିକ୍ ପଡିଲା ତେବେ କିଛି ଅସୁବିଧା ନାହିଁ। ହେଲେ ଯଦି ସେପଟୁ ଗ୍ରୀନ୍ ସିଗନାଲ ନ ମିଳିଲା ତେବେ ଏଭଳି ପ୍ରେମ କାହାଣୀକୁ ଯେତେ ଶୀଘ୍ର ଦ ଏଣ୍ଡ କରିଦେବେ ତାହା ସେତେ ଭଲ ହେବ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଏକତରଫା ପ୍ରେମ କରୁଛି। ଏଥିରୁ ମୋତେ ଢ଼େର ମଜା ମିଳୁଛି। ଏଭଳି ପ୍ରେମର ସ୍ଥାୟୀତ୍ୱ କେତେ କହିବେ କି ସାଥୀ ?

*–ବିକାଶ ପ୍ରହରାଜ, ରାଉରକେଲା*

**ଉତ୍ତର:**ଏକତରଫା ପ୍ରେମ ଭସା ବାଦଲ ପରି। ଏଥିରେ ଆଗ୍ରହ ଅଧିକ ବିଶ୍ୱାସ କମ୍ ଥାଏ। ଏଭଳି ପ୍ରେମ କେତେବେଳେ ପାଣି ଫୋଟକା ପରି ମିଳେଇ ଯିବ ତାହା ଜାଣିପାରିବେ ନାହିଁ। ଏକତରଫା ପ୍ରେମକୁ ନେଇ ଅଧିକ ଉତ୍ସାହିତ ନ ହୋଇ ବାସ୍ତବ ଦୁନିଆକୁ ଆସି ମନଲାଖି ପ୍ରେମକାଟିଏ ଖୋଜନ୍ତୁ।

**ପ୍ରଶ୍ନ**–ଯାହାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି ସେ ବେଳେବେଳେ ମୋ ସହ ନଖରାମୀ କରୁଛି। ତାକୁ କେମିତି ମନାଇବି ?

*–ତପନ କୁମାର, ପୁରୀ*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ଦେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଜଣେ ଅଜଣା ଝିଅ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ପ୍ରସନ୍ନ କୁମାର, ବାରିପଦା*

**ଉତ୍ତର:** ସେହି ଅଜଣା ଝିଅର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ ପକନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।





# ମିନାକାରୀ ଚୁଡ଼ି



**ପୂଜାପାର୍ବଣ ସମୟରେ ଏଥ୍ନିକ୍ ଆଉଟ୍‌ଫିଟ୍ ସାଙ୍ଗକୁ ମ୍ୟାଚିଂ ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ଏହି ସମୟରେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଝିଅମାନେ ଷ୍ଟାଇଲିଶ୍ ଚୁଡ଼ି ପିନ୍ଧିବାକୁ ବେଶୀ ପସନ୍ଦ କରିଥାନ୍ତି। ମିନାକାରୀ ଚୁଡ଼ି ହେଉଛି ଏମିତି ଏକ ଚୁଡ଼ି, ଯାହାକୁ ଶାଢି ହେଉ କିମ୍ବା ଲେହେଙ୍ଗା ସାଙ୍ଗରେ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳେ...**



ଜୁଏଲେରୀ ପ୍ରତି ଝିଅବୋହୂଙ୍କର ଦୁର୍ବଳତା ସବୁବେଳେ ରହିଆସିଛି। କାରଣ ଏହା ସେମାନଙ୍କର ରୂପକୁ ଆହୁରି ଆକର୍ଷକ କରିଦେଇଥାଏ। ସେଥିପାଇଁ ତ ବାହାଘର ହେଉ ଅବା ପୂଜାପାର୍ବଣ ସମୟରେ ନିଜକୁ ସଜାଇବା ପାଇଁ ଜୁଏଲେରୀକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାନ୍ତି ଏମାନେ। ବିଶେଷକରି ଆଉଟ୍‌ଫିଟ୍‌କୁ ମ୍ୟାଚିଂ କରି ହାତରେ କେଉଁ ଟାଇପ୍‌ର ଚୁଡ଼ି ପିନ୍ଧିବେ, ସେ ନେଇ ଏମାନେ ଦ୍ୱନ୍ଦ୍ୱରେ ଥାନ୍ତି। ତେବେ ମିନାକାରୀ ଚୁଡ଼ି ହେଉଛି ଏମିତି ଏକ ଚୁଡ଼ି; ଯାହାକୁ ପୂଜାପାର୍ବଣ ସମୟରେ ଯେ କୌଣସି ଏଥ୍ନିକ୍ ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଜାଣନ୍ତୁ ସେମିତି କିଛି ଲାଟେଷ୍ଟ ମିନାକାରୀ ଚୁଡ଼ି ସମ୍ପର୍କରେ...



**✲ ଗ୍ରୀନ୍ ପର୍ଲ ମିନାକାରୀ ଚୁଡ଼ି:** ପୂଜାପାର୍ବଣ ସମୟରେ ଯଦି ଆପଣ ଗ୍ରୀନ୍ କଲର୍‌ର ଲେହେଙ୍ଗା କିମ୍ବା ଶାଢି ପିନ୍ଧୁଥାନ୍ତି ଆଉ ନିଜ ଲୁକ୍‌କୁ ଆଉ ଟିକେ ହାଇଲାଇଟ୍ କରିବାକୁ ଚାହୁଁଥାନ୍ତି, ତା'ହେଲେ ପର୍ଲ ଖଚିତ ଗ୍ରୀନ୍ କଲର୍‌ର ମିନାକାରୀ ଚୁଡ଼ିକୁ ହାତରେ ପିନ୍ଧିପାରିବେ। ଏହା କେବଳ ଶାଢି କି ଲେହେଙ୍ଗା ନୁହେଁ ଗ୍ରୀନ୍ କଲର୍ ଅନାରକଲି ଡ୍ରେସ୍ ସାଙ୍ଗେ ବି ଖୁବ୍ ସୁନ୍ଦର ମାନିଥାଏ। ଏହି ଚୁଡ଼ିରେ ପର୍ଲ ଖଚିତ ହୋଇଥିବାରୁ ଆପଣ ଚାହିଁଲେ କାନରେ ପର୍ଲ ଇୟର୍ ରିଂ ପିନ୍ଧି ନିଜ ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିପାରିବେ।

**✲ମିନାକାରୀ ନବଗ୍ରହ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ି ଝିଅବୋହୂଙ୍କୁ ରୟାଲ୍ ଲୁକ୍ ପ୍ରଦାନ କରିଥାଏ। ପୂଜାପାର୍ବଣ ହେଉ ଅବା ଘରୋଇ ଫଙ୍କସନ୍‌ରେ ଝିଅମାନେ ଚାହିଁଲେ ଯେ କୌଣସି ଏଥ୍ନିକ୍ ଆଉଟ୍‌ଫିଟ୍ ସହ ଏହି ଚୁଡ଼ିକୁ ଟ୍ରାଏ କରି ଆରାମରେ ଗର୍ଜିୟସ୍ ଲୁକ୍ ପାଇପାରିବେ। ଏହା ସାଙ୍ଗକୁ ଚାହିଁଲେ ମ୍ୟାଚିଂ ମାଙ୍ଗଟିକ୍କା ବି ପିନ୍ଧିପାରିବେ।

**✲ ମଲ୍ଟି କଲର୍ ମିନାକାରୀ ଚୁଡ଼ି:** ଏହି ଚୁଡ଼ି ମଲ୍ଟି କଲର୍‌ର ହୋଇଥିବାରୁ ଏହାକୁ ଯେ କୌଣସି କଲର୍‌ର ଏଥ୍ନିକ୍ ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚିଂ କରି ଆରାମରେ ପିନ୍ଧିପାରିବେ। ହାଇହିଲ୍ ସାଙ୍ଗକୁ ଲଙ୍ଗ୍ ପୋନିଟେଲ୍ ଏବଂ ମଥାରେ ନାଲି ବିନ୍ଦି ପିନ୍ଧିବା ସହ ଶାଢି ହେଉ ଅବା ଲେହେଙ୍ଗା କିମ୍ବା ଅନାରକଲି ସୁଟ୍ ସାଙ୍ଗକୁ ଏହି ଚୁଡ଼ି ପିନ୍ଧିଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗିଥାଏ।

**✲ ହ୍ୱାଇଟ୍ ମୋତି ମିନାକାରୀ ଚୁଡ଼ି:** ମୋତି ଖଚିତ ଜୁଏଲେରୀର ଚାହିଦା ସବୁବେଳେ ରହିଆସିଛି। ବିଶେଷକରି ହ୍ୱାଇଟ୍ ମୋତି ଲାଗିଥିବା ମିନାକାରୀ ଚୁଡ଼ି ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିଲେ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ବିଶେଷକରି ଧଳା କିମ୍ବା ସିଲ୍‌ଭର୍ କଲର୍‌ର ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ସାଙ୍ଗକୁ ଏହି ଟାଇପ୍‌ର ଚୁଡ଼ି ଖୁବ୍ ମାନିଥାଏ।





### କିଛି ଟିପ୍ସ

– ହେଭି ଡିଜାଇନ୍‌ରେ ଆସୁଥିବା ଏହି ମିନାକାରୀ ଚୁଡ଼ି ଗୁଡ଼ିକ ହାତକୁ ପୁରିଲା ପୁରିଲା ଲାଗେ। ବିଶେଷକରି ହେଭି ୱାର୍କ ଶାଢ଼ି ଅବା ଲେହେଙ୍ଗା ସାଙ୍ଗକୁ ଏହି ଚୁଡ଼ି ପିନ୍ଧିଲେ ପରଫେକ୍ଟ ଲୁକ୍ ମିଳିଥାଏ।

– ଏହି ଚୁଡ଼ି ପିନ୍ଧିଲାବେଳେ ହାତରେ ଆଉ କିଛି ଜୁଏଲେରୀ ପିନ୍ଧିବେ ନାହିଁ। ଏହିଥିରୁ ମାତ୍ର ଗୋଟିଏ ଚୁଡ଼ି ହିଁ ହାତକୁ ହାଇଲାଇଟ୍ କରିବାକୁ ଯଥେଷ୍ଟ।

– ପୂଜାପାର୍ବଣ ଅବା ବାହାଘର ଫଙ୍କସନ୍‌ରେ ଗର୍ଜିୟସ୍ ଲୁକ୍ ପାଇବାକୁ ଏହାକୁ ପିନ୍ଧିବା ଉତ୍ତମ ହୋଇଥାଏ।

## ହାଃ ହାଃ

### ଡ଼ର

ଡାକ୍ତର ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ: ଆପଣ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହେଇଗଲେଣି । ଆଉ ଭୟ କରିବାର କିଛି ନାହିଁ । ତଥାପି କାହିଁକି ଏତେ ଡରୁଛନ୍ତି ?
ବ୍ୟକ୍ତି: ଡରିବିନି କେମିତି ? ସେ ଟ୍ରକରେ ଲେଖା ହେଇଥିଲା 'ଜୀବନ ରହିଲେ ପୁଣି ଭେଟ ହେବ' ।

### ବିବାହ

ମିନି ଫେଲ ହେଇଯିବାରୁ ମା' ରାଗିକି: ଦେଖ ମିନି ମୁଁ ତତେ କହିଥିଲି ନା ଏଥର ଯଦି ପାସ୍ ନ ହେବୁ ତତେ ମୁଁ ଗୋଟେ ଭିକାରୀ ସହ ବାହା କରେଇ ଦେବି । ଏତିକିବେଳେ ଭିକ ମାଗିବାକୁ ଆସିଥିବା ଭିକାରୀଟି ଏସବୁ ଶୁଣି ଜୋର୍‌ରେ ପାଟି କରି: ମା' ମୁଁ ବାହା ହେବା ପାଇଁ ରହିବି ନା ପଳେଇବି ।

### ଲଟେରୀ

ଭିକାରୀ ଏକ ଲଟେରୀ ଟିକେଟ କିଣି ପୁଅକୁ: ଆମେ ଯଦି ୭୦ ଲକ୍ଷର ଏକ ଲଟେରୀ ଜିତିଯିବା ତେବେ ପ୍ରଥମେ ଏକ ଘର କିଣିବା । ତା'ପରେ ସମସ୍ତଙ୍କ ପାଇଁ ନୂଆ ଡ୍ରେସ୍ କିଣିବା ।
ଭିକାରୀର ପୁଅ: ବାପା ଖାଲି ସେତିକି ନୁହଁ, ଆମେ ଗୋଟେ ଗାଡ଼ି କିଣିବା । ଆଉ ସେଥିରେ ଭିକ ମାଗିବାକୁ ଯିବା । ଚାଲି ଚାଲି ଗଲାବେଳକୁ ଗୋଡ କାଟୁଛି ।

### ନିର୍ଦ୍ଦୋଷ

ଏକ ଦୁର୍ଘଟଣା କେସ୍‌ରେ ଗାଡି ମାଲିକଙ୍କୁ
ଜଜ୍: ତମେ କହୁଛ ତମେ ଗାଡ଼ି ବହୁତ ଧୀରେ ଚଳାଉଥିଲ । ହେଲେ ଏହାର ପ୍ରମାଣ କ'ଣ ତୁମ ପାଖରେ ଅଛି ?
ବ୍ୟକ୍ତି: ଆଜ୍ଞା ମୁଁ ମୋ ଝଗଡ଼ାପ୍ରିୟ ସ୍ତ୍ରୀକୁ ତା' ବାପଘରୁ ଆଣିବାକୁ ଯାଉଥିଲି ।
ଜଜ୍: ଏହି ବ୍ୟକ୍ତି ଜଣକ ନିର୍ଦ୍ଦୋଷ ।

### ନିଶ୍ୱାସ

ନିଶା: ଜାଣିଛୁ, ମୋର ପ୍ରତିଟି ନିଶ୍ୱାସ ଉପରେ ପୁଅମାନେ ମରନ୍ତି ।
ମୋନା: ଗୋଟେ କାମ କରେ, ଡେଣ୍ଟିଷ୍ଟକୁ ଦେଖାଇ ଭଲ ଟୁଥପେଷ୍ଟ ବ୍ୟବହାର କରେ । ଆଉ ଏମିତି ଦୁର୍ଗନ୍ଧ ହେବନି କି କେହି ମରିବେନି ।



# ଗଡ଼ମାଣତୀର

**ସେ**ତେବେଳେ ଖୋର୍ଦ୍ଧା ରାଜ୍ୟର ଗଡ଼ମାଣତୀର ଏକ ଗଡ଼ ଭାବରେ ତାଲିକାଭୁକ୍ତ ନ ଥିଲେ ମଧ୍ୟ ଏହା ବାହ୍ୟ ଶତ୍ରୁଙ୍କ କବଳରୁ ନିଜକୁ ସୁରକ୍ଷିତ ପାଇଁ ଏହି ଦୁର୍ଗମ ଅଞ୍ଚଳଟି ରାଜାଙ୍କୁ ସହଯୋଗ କରୁଥିଲା । ଗଡ଼ମାଣତୀର ଗାଁର ଅବସରପ୍ରାପ୍ତ ଶିକ୍ଷକ ଓ ଲେଖକ **ବଳରାମ ରଣସିଂହ** କୁହନ୍ତି , ଇତିହାସରୁ ଜଣାପଡ଼େ ରାମଚନ୍ଦ୍ର ଦେବଙ୍କ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଖୋର୍ଦ୍ଧାଗଡ଼ର ଶାସନ ଭାର ନେଲେ । ଏହି ସମୟରେ ମୋଗଲମାନେ ଓଡ଼ିଶାରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ସେତେବେଳେ କଟକରେ ଅବସ୍ଥାପିତ ମୋଗଲ ସୁବେଦାର ମକରମ ଖାଁ ଖୋର୍ଦ୍ଧା ଆକ୍ରମଣ କଲେ । ମୋଗଲ ବାହିନୀର ଆକ୍ରମଣକୁ ପ୍ରତିହତ କରି ନ ପାରି ରାଜା ପୁରୁଷୋତ୍ତମ ଦେବ ସପରିବାର ଏହି ଦୁର୍ଗମ ଅରଣ୍ୟ ପରିବେଷ୍ଟିତ ଗଡ଼ମାଣତୀର ଗ୍ରାମକୁ ଏକ ଗଡ଼ଭାବେ ବ୍ୟବହାର କରିଥିଲେ । ଭୌଗୋଳିକ ସ୍ଥିତିକୁ ଦେଖିଲେ ଏହା ଦୁର୍ଗମ ଜଙ୍ଗଲ ପରିବେଷ୍ଟିତ ଥିଲା । ଏହି ଗ୍ରାମରେ ରହୁଥିବା ବାସିନ୍ଦାମାନେ ଲଢୁଆ ପାଇକ ଥିଲେ । ରାଜାଙ୍କୁ ସୁରକ୍ଷା ଦେବା ପାଇଁ ଏଠାରେ ତ୍ରିସ୍ତରୀୟ ପାଇକ ବଳୟ ଥିଲା । ପ୍ରଥମେ ପାଇକ ସର୍ଦ୍ଦାର, ୨ୟରେ ପାଇକଗଡ଼, ୩ୟରେ ଗଡ଼ର ଦଳବେହେରା, ଦଳେଇ ପାଇକମାନେ ମୁତୟନ ଥିଲେ । ଏହି ଗ୍ରାମରେ ଗଡ଼ବାଡ଼ ସାଙ୍ଗିଆଧାରୀ ପାଇକମାନେ ଅଛନ୍ତି । ୧୬୨୨ରେ ତତ୍କାଳୀନ ମୋଗଲ ସୁବେଦାର ଅହମ୍ମଦ ବେଗ୍ ପୁନଶ୍ଚ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବ ଏଠାରେ ଆଶ୍ରୟ ନେଇଥିଲେ । ଏହିଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଏହା ପରେ ନରସିଂହ ଦେବ ରାଜ୍ୟ ଭାର ସମ୍ଭାଳି ଥିଲେ । ମୋଗଲ ଆକ୍ରମଣରୁ ଆରାଧ୍ୟ ଦେବତାଙ୍କ ସୁରକ୍ଷା ନିମନ୍ତେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବ୍ରହ୍ମକୁ ସୁରକ୍ଷିତ କରିବା ପାଇଁ ଗଡ଼ମାଣତୀରକୁ ପଠାଇଥିଲେ । ଏଠାରେ ରାଜା ନରସିଂହ ଦେବ ଅହମ୍ମଦ ବେଗ୍‌ଙ୍କୁ ପରାସ୍ତ କରିଥିଲେ । ଏହି ଗଡ଼ମାଣତୀରରେ ବ୍ରହ୍ମ ପ୍ରତିଷ୍ଠା ହୋଇ ପୂଜା ପାଇଲେ । ମହାପ୍ରଭୁଙ୍କୁ ବେସର ରୋଷେଇକରି ଦିଆଯାଇଥିଲା । ଏବେ ଭଗ୍ନ ରାଜପ୍ରାସାଦ ସହ ବଡ଼ଦାଣ୍ଡର ପରିବେଶ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଛି । ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଦୁଇ ପତ୍ନୀ କଳାବତୀ ଓ ଲଳିତା ଥିଲେ । ମୁସିଦ୍ କୁଲି ଖାଁଙ୍କ କନ୍ୟା ସୈରାତଙ୍କୁ ରାଜା ବିବାହ କରିଥିଲେ । ଫଳରେ ରାମଚନ୍ଦ୍ରଦେବ ଦ୍ୱିତୀୟଙ୍କୁ ତାଙ୍କ ପତ୍ନୀ କଳାବତୀ ଛାଡ଼ି ପଳାଇଥିଲେ । ଏହି ଗଡ଼ମାଣତୀର ଥିଲା ରାଣୀ କଳାବତୀଙ୍କର ଶେଷ ଆଶ୍ରୟସ୍ଥଳ ।

ଗଡ଼ମାଣତୀର ଗଡ଼ ଠାକୁରାଣୀ ହେଲେ ମା' ରାମଚଣ୍ଡୀ । ଗ୍ରାମର ପଶ୍ଚିମରେ ଏକ ଛୋଟ ପାହାଡ଼ରେ ମା' ରାମଚଣ୍ଡୀଙ୍କ ଆସ୍ଥାନ ରହିଛି । ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ମା'ଙ୍କ ପବିତ୍ର ପୀଠ । ଏହା ପଛରେ ଏକ କାହାଣୀ ରହିଛି । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବନବାସ ସମୟରେ ଏହିଠାରେ ମା' ବନଦୁର୍ଗା ଓ ଗିରୀଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥିବାରୁ ମା'ଙ୍କ ନାମ ରାମଚଣ୍ଡୀ ହୋଇଥିବାର ଜନଶ୍ରୁତି ରହିଛି । ମା'ଙ୍କୁ ନେଇ ଏକ ଲୋକକଥା ରହିଛି । ଏକଦା ଜଣେ ଚାଷୀ ମା'ଙ୍କ ଜମି ଚାଷ କରି ମା'ଙ୍କୁ ବର୍ଷ ଯାକ ଚାଉଳ ଯୋଗାଇ ଆସୁଥିଲେ । ଚାଷୀର ହଳେ ବଳଦ ମଧ୍ୟରୁ ଗୋଟିଏ ବଳଦକୁ ବାଘ ଖାଇଗଲା । ବିଚରା ଚାଷୀ ମା'ଙ୍କ ନିକଟରେ ଗୁହାରୀ କରି କହିଲା ମୋ ବଳଦକୁ ତ ବାଘ ଖାଇଗଲା ଆଉ ଚାଷ କେମିତି କରିବି । ତୋ ପାଇଁ ବର୍ଷକ ଚାଉଳ କେଉଁଠୁ ଦେବି । ମା' ଚାଷୀର ଦୁଃଖ ଶୁଣି ସ୍ୱପ୍ନରେ କହିଲେ –ତୁ ବିଲକୁ ଗୋଟିଏ ବଳଦ ନେଇ ଯା । ସେଠାରେ ଯିଏ ଥିବ ତାକୁ ଯୋଚି ହଳ କରିବୁ । ଚାଷୀ ବିଲକୁ ଯାଇ ଦେଖେତ ସେଠାରେ ମା'ଙ୍କ ବାଘ ଠିଆ ହୋଇଛି । ଗୋଟେପଟେ ବାଘ ଓ ଅନ୍ୟପଟେ ବଳଦ ଯୋଚି ହଳ କଲା । ଏହି ଜନଶ୍ରୁତିକୁ ମନେ ରଖିବା ପାଇଁ ଏଠାରେ ଗୋଟେ ପଟେ ବାଘ ଓ ଅନ୍ୟ ପଟେ ବଳଦ ଯୋଚି ହଳ କରୁଥିବାର ସିମେଣ୍ଟ ମୂର୍ତ୍ତି ରହିଛି ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ଛିଆମ, ବୋରକ, ନୂଆଗାଁ, ରାମଚନ୍ଦ୍ରପୁର, କପିଳେଶ୍ୱରପୁର, ବାଲିବେରେଣୀ, ମାଣତୀର ଆଦି ୧୨ଟି ପଲ୍ଲୀକୁ ନେଇ ଗଠିତ ଗଡ଼ମାଣତୀର ବାରପଲ୍ଲୀ କୁହାଯାଏ । ତିନିମାଣରେ ଏହି ଗଡ଼ ତିଆରି ହୋଇଥିଲା । ଏହାକୁ ସାତଟି ପାହାଡ଼ ଘେରି ରହିଛି । ଅତୀତରେ ଗଡ଼ମାଣତୀର ଖୋର୍ଦ୍ଧା ରାଜାଙ୍କର ଗୁପ୍ତ ରାଜଧାନୀ ଥିଲା । ପାଇକ ବିଦ୍ରୋହ ବେଳେ ଫିରିଙ୍ଗିଙ୍କୁ କର ନ ଦେଇ ଗଡ଼ମାଣତୀର ପାଇକ ପୁଅମାନେ ବ୍ରିଟିଶ ବିରୋଧରେ ସଂଗ୍ରାମ କରିଥିଲେ । କାଳକ୍ରମେ ଏହି ଅଞ୍ଚଳରେ ଅନେକ ପରିବର୍ତ୍ତନ ଘଟିଛି ।

–ବନବିହାରୀ ବେହେରା



# ଦୀପାବଳି ପାଇଁ ପରଫେକ୍ଟ ଡେଷ୍ଟିନେଶନ





ଆଲୋକର ପର୍ବ ଦୀପାବଳି। ଏହା ଏମିତି ଏକ ପର୍ବ ; ଯାହାର ବିବିଧତା, ବିଶେଷତା ତଥା ସାଂସ୍କୃତିକ ପରିଦୃଷ୍ଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସେଥିପାଇଁ ଜାତିଧର୍ମ ଭୁଲି ସମସ୍ତେ ଅତି ଆଗ୍ରହର ସହକାରେ ଏହି ପର୍ବକୁ ପାଳନ କରିବାକୁ ଚାହିଁ ରହିଥାନ୍ତି। ମୁରୁଜ ପକାଇ, ଦୀପ ଜାଳି, ରଙ୍ଗିନ ଆଲୋକମାଳରେ ଘର, ଦୁଆର, ରାସ୍ତାଘାଟ ଆଦି ସଜାଇ, ବନ୍ଧୁବାନ୍ଧବଙ୍କ ଗହଣରେ ସୁସ୍ୱାଦୁ ଭୋଜନର ଆସରରେ ଏହି ଶୁଭଦିନଟି କେମିତି ବିତିଯାଏ ଆଦୌ ଜଣାପଡେନି। କେହି କେହି ଏହି ଅବସରରେ ବାହାରକୁ କୁଆଡ଼େ ବୁଲିଯିବାକୁ ମଧ୍ୟ ପ୍ଲାନିଂ କରିଥାନ୍ତି। ତେବେ ଦୀପାବଳି ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦୀପାବଳି ଛୁଟିର ଭରପୂର ଆନନ୍ଦ ଉଠାଇହେବ, ସେ ସମ୍ପର୍କରେ...

*** ଶିବକାଶୀ:** ତାମିଲନାଡୁସ୍ଥିତ ଏକ ବହୁ ପରିଚିତ ସହର ହେଉଛି ଶିବକାଶୀ। ବିଶେଷକରି ବାଣ ତିଆରି କ୍ଷେତ୍ରରେ ଏହି ସହରର ବେଶ୍ ନାଁ ରହିଛି। ସୂଚନାନୁଯାୟୀ, ସମଗ୍ର ଭାରତରେ ଯେତିକି ବାଣ ତିଆରି କରାଯାଏ, ତନ୍ମଧ୍ୟରୁ ୭୦ ପ୍ରତିଶତ କେବଳ ଏହିଠାରୁ ହିଁ ଆସିଥାଏ। ସେଥିପାଇଁ ଅନେକେ ଶିବକାଶୀକୁ ବାଣର ରାଜଧାନୀ ବୋଲି କହିଥାନ୍ତି। କେବଳ ବାଣ କାହିଁକି ଦିଆସିଲି ତିଆରି କରିବାରେ ବି ଏହି ସହରର ସ୍ୱତନ୍ତ୍ର ନାଁ ରହିଛି। ତେଣୁ ଦୀପାବଳି ଅବସରରେ ଏହି ସହରକୁ ବୁଲିଗଲେ ପର୍ଯ୍ୟଟକ ସେ ସମ୍ପର୍କିତ ଅନେକ ନିଆରା ତଥ୍ୟ ଏଠାରୁ ପାଇପାରିବେ।



***ବାରାଣସୀ:** ଉତ୍ତରପ୍ରଦେଶରେ ଥିବା ଏହି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀଟି ଲୋକମୁଖରେ ବନାରସ ତଥା କାଶୀ ନାମରେ ବି ବେଶ୍ ପରିଚିତ। ହିନ୍ଦୁ ଧର୍ମର ସବୁଠାରୁ ପବିତ୍ରତମ ସହର ଭାବେ ବି ଏହା ଖ୍ୟାତ। ଏହି ସହରକୁ ନେଇ ହିନ୍ଦୁଧର୍ମରେ ଏକ ମାନ୍ୟତା ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କର ଏଠାରେ ମୃତ୍ୟୁ ହୋଇଯାଏ କିମ୍ବା ଏଠାରେ କାହାର ଯଦି ଅନ୍ତିମ ସଂସ୍କାର କରାଯାଏ ; ତା'ହେଲେ ତାଙ୍କର ମୋକ୍ଷ ପ୍ରାପ୍ତି ହୋଇଥାଏ। ବିଶେଷକରି ଦୀପାବଳି ଅବସରରେ ଲକ୍ଷାଧିକ ଦୀପରେ ତଥା ରଙ୍ଗିନ ଆଲୋକମାଳାରେ ଏଠାକାର ପବିତ୍ର ଘାଟକୁ ସଜାଯାଇଥିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକରେ ମନ୍ତ୍ରମୁଗ୍ଧ ହୋଇଯିବେ। ଏପରିକି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବି ଏଠାରେ ସ୍ୱତନ୍ତ୍ର ଦେବ ଦୀପାବଳି ପାଳନ କରିବାର ଏକ ବିଧି ରହିଛି। ଏହି ସମୟରେ ମଧ୍ୟ ଲକ୍ଷାଧିକ ଦୀପ ଏଠାକାର ଘାଟରେ ଜଳୁଥିବାର ପର୍ଯ୍ୟଟକ ଦେଖିପାରିବେ।

***ଦିଲ୍ଲୀ:** ଉଭୟ ପ୍ରାଚୀନତା ତଥା ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳେ ଏଠାରେ। ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର ଆନନ୍ଦ ଉଠାଇ ହୁଏ। ବିଶେଷ କରି ଦୀପାବଳି ଅବସରରେ ଏଠାକୁ ବୁଲିଗଲେ ମନ ମିଜାଜ୍ ଖୁସି ହୋଇଗଲା ପରି ଲାଗେ। କାରଣ ଏହି ସମୟରେ ସମ୍ପୂର୍ଣ୍ଣ ଦିଲ୍ଲୀ ସହର ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଥାଏ। ପ୍ରତ୍ୟେକଙ୍କ ଦୁଆର ଆଗରେ ରଙ୍ଗବେରଙ୍ଗର ରଙ୍ଗୋଲି ହୋଇଥିବାର ଦେଖିବାକୁ ମିଳେ। ରାସ୍ତାରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପେଟ ପୂରିଯାଏ। ସ୍ଥାନେ ସ୍ଥାନେ ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ ; ଯାହା ସ୍ଥାନୀୟ ଲୋକ ହୁଅନ୍ତୁ ବା ପର୍ଯ୍ୟଟକ ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥାଏ।

***ଜୟପୁର:** 'ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଏହି ସହରରେ ବି ଦୀପାବଳିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଦୀପାବଳି ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ। ସାଧାରଣରେ କହିବାକୁ ଗଲେ ଜୟପୁର ବୁଲିବାର ପ୍ରକୃତ ମଜା ସେତେବେଳେ ଆସେ ଯେବେ ଦୀପାବଳି ଛୁଟି କଟାଇବାର ସୁଯୋଗ ଏଠାରେ ମିଳେ।

***କଲିକତା:** ଦଶହରା ହେଉ ଅବା ଦୀପାବଳି ପ୍ରତ୍ୟେକ ପର୍ବକୁ ବେଶ୍ ଆନନ୍ଦଉତ୍ସାହର ସହ ପାଳିଥାନ୍ତି ଏଠାକାର ବାସିନ୍ଦା। ଦୀପ ଜାଳି, ରଙ୍ଗିନ ଆଲୋକମାଳାରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ସହ ମଜାମଜଲିସ୍‌ରେ ଏଠାକାର ଲୋକେ ଏତେ ମଜି ଯାଆନ୍ତି ଯେ, ପାର୍ବଣର ଋତୁ ଏଠାରେ ଆହୁରି ରଙ୍ଗିନ ହୋଇ ଉଠେ। ଏଠାକୁ ବୁଲି ଆସୁଥିବା ଆଗନ୍ତୁକ ଏଠାରେ ଦୀପାବଳିର ଭରପୂର ମଜା ନେବା ସହ ଏଠାକାର ପ୍ରସିଦ୍ଧ କାଳୀମନ୍ଦିର ବୁଲି ନିଆରା ଅନୁଭୂତି ବି ସାଉଁଟିପାରିବେ।

ଏହିସବୁ ସ୍ଥାନ ବ୍ୟତୀତ ପର୍ଯ୍ୟଟକ ଅମୃତସର, ଗୁଜରାଟ, ଗୋଆକୁ ବି ବୁଲିଯାଇ ଦୀପାବଳି ଛୁଟିର ଭରପୂର ଆନନ୍ଦ ନେଇପାରିବେ।





# ଆତସବାଜି କିଛି କଥା



ବାଣକୁ ନେଇ ଅନେକ କଥା ପ୍ରଚଳିତ ଅଛି । ଅନେକେ କହନ୍ତି ଏହାର ଆରମ୍ଭ ଚାଇନାରେ ଷଷ୍ଠ ଶତାବ୍ଦୀରେ ହୋଇଥିଲା । ଅନ୍ୟପକ୍ଷେ ଆଉ କେତେକେ କୁହନ୍ତି, ଭୁଲ୍‌ବଶତଃ ଏହାର ଆବିଷ୍କାର ହୋଇଥିଲା । ପ୍ରଚଳିତ ଏକ କାହାଣୀ ଅନୁସାରେ ଜଣେ ରୋଷେୟା ଖାଦ୍ୟ ତିଆରି କରିବାବେଳେ ଭୁଲ୍‌ରେ ପୋଟାସିୟମ୍ ନାଇଟ୍ରେଟ୍‌କୁ ଅଗ୍ନିରେ ପକାଇ ଦେଇଥିଲେ । ଫଳରେ ଜୋର୍‌ଦାର ଧମାକା ହୋଇଥିଲା । କୁହାଯାଏ ଏହିଠାରୁ ବାଣର ଆରମ୍ଭ ହୋଇଥିଲା ।

କେତେକ ଐତିହାସିକଙ୍କ ମତରେ ବାଣ ଓ ଆତସବାଜି ମୂଳରୂପରେ ଦ୍ୱିତୀୟ ଶତାବ୍ଦୀରେ ପ୍ରାଚୀନ ଚାଇନାର ଲିଉ ୟାଙ୍ଗରେ ବିକଶିତ ହୋଇଥିଲା । ବିଶ୍ୱାସ କରାଯାଏ ପୂର୍ବେ ବାଉଁଶକୁ ପ୍ରାକୃତିକ  ବାଣଭାବେ ବ୍ୟବହାର କରାଯାଉଥିଲା ; ଯାହାକୁ ଅଗ୍ନିରେ ପକାଇଦେଲେ ତାହା ଫମ୍ପା ହୋଇଥିବାରୁ କିଛି ସମୟ ପରେ ଖୁବ୍ ଜୋର୍‌ରେ ଶବ୍ଦ କରି ଫୁଟି ଯାଉଥିଲା । ବିଶ୍ୱାସ କରାଯାଏ ପରେ ଚାଇନା ସୈନିକମାନେ ବାଉଁଶରେ ବାରୁଦ ଭରି ବାଣ ତିଆରି କଲେ । ଇତିହାସରୁ ଜଣାଯାଏ ଭାରତରେ ବାଣର ଆରମ୍ଭ ପଞ୍ଚଦଶ ଶତାବ୍ଦୀରେ ଇସ୍‌ଲାମୀ ସାମ୍ରାଜ୍ୟର ଅଭ୍ୟୁଦୟ ସହ ହୋଇଥିଲା । ଯେବେ ମୋଗଲମାନେ ଭାରତରେ ପ୍ରବେଶ କରିବା ଆରମ୍ଭ କଲେ ସେଇମାନେ ହିଁ ନିଜ ସହ ଆତସବାଜିର ପଦ୍ଧତି ନିଜ ସହ ଆଣିଥିଲେ । ଏହାପରେ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ଏହାକୁ ଦିଲ୍ଲୀ ସାମ୍ରାଜ୍ୟରେ ପ୍ରଦର୍ଶିତ କରିଥିଲେ । ତେବେ ଦିଲ୍ଲୀର ଲୋକେ ପ୍ରଥମେ କେବେ ବାଣ ଫୁଟିବା ଦେଖିଥିଲେ ସେ ସମ୍ପର୍କରେ ମଧ୍ୟଯୁଗୀୟ ଐତିହାସିକ ମହମ୍ମଦ କାସିମ ହିନ୍ଦୁ ଶାହ ଯେ କି ଫିରିସ୍ତା ନାମରେ ପରିଚିତ ଥିଲେ ନିଜ ପୁସ୍ତକ ତାରିଖ –ଏ– ଫିରିସ୍ତାରେ ପ୍ରକାଶ କରିଛନ୍ତି । ପୁସ୍ତକ ଅନୁଯାୟୀ ପ୍ରାୟ ୧୨୫୮ ମସିହା ମାର୍ଚ୍ଚ ମାସରେ ମଙ୍ଗୋଲ ଶାସକ ହୁଲଗୁ ଖାଁଙ୍କ ଦୂତର ସ୍ୱାଗତ ପାଇଁ ଦିଲ୍ଲୀ ସୁଲତାନ ଗିୟାସୁଦ୍ଦିନ ବଲବନ ତାଙ୍କ ଦରବାରରେ ପ୍ରଥମେ ବାଣ ଫୁଟା ଯାଇଥିଲେ । ସୁଲତାନ ଫିରୋଜ ଶାହ ତୁଗଲକ୍‌ଙ୍କ ଶାସନକାଳରେ ବି ଦିଲ୍ଲୀରେ ବାଣ ଫୁଟାଉଥିବା କୁହାଯାଏ । ତାରିଖ–ଏ–ଫିରୋଜଶାହୀରେ ଉଲ୍ଲେଖ ରହିଛି ଯେ, ବିଶେଷଭାବେ ଶବ–ଏ – ବାରାତ୍ ସମୟରେ ସନ୍ଧ୍ୟାବେଳେ ବାଣ ଫୁଟାଯାଉଥିଲା । ପନ୍ଦର ଶତାବ୍ଦୀ ପ୍ରାରମ୍ଭ ବେଳକୁ ଚାଇନା ବ୍ୟାପାରୀଙ୍କ ମାଧ୍ୟମରେ ବାରୁଦ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ପହଞ୍ଚିଥିଲା । ଫରାସୀ ରାଜଦୂତ ଅବ୍ଦ–ଅଲ୍–ରଜ୍ଜାକଙ୍କ ଅନୁସାରେ ୧୪୪୩–୪୪ରେ ବିଜୟନଗର ଦରବାରରେ ବାରୁଦ ମହଜୁଦ ଥିଲା, ଯାହାକୁ କି ସେଠାରେ ମହାନବମୀ ଅବା ସମ୍ଭବତଃ ନବବର୍ଷରେ ବାଣ ଫୁଟାଇବା ପାଇଁ ବ୍ୟବହାର କରାଯାଉଥିଲା । କ୍ୟାଥରିନ୍ ବଟଲର୍ ସ୍କୋଫିଲ୍ଡ ଯେ କି ଲଣ୍ଡନର କିଙ୍ଗସ୍ କଲେଜରେ ପଢ଼ାନ୍ତି ତାଙ୍କ କହିବାନୁସାରେ ମୋଗଲ ଓ ସେମାନଙ୍କ ସମକାଳୀନ ରାଜପୁତମାନେ ବହୁ ମାତ୍ରାରେ ବାଣର ବ୍ୟବହାର କରୁଥିଲେ । ଏମିତି କି ଶାହଜାହାନ ଓ ଔରଙ୍ଗଜେବଙ୍କ ଶାସନକାଳରେ ବିବାହ, ଜନ୍ମଦିନର ତୁଳାଦାନ ଉତ୍ସବ, ରାଜ୍ୟାଭିଷେକ ଏବଂ ଶବ–ଏ–ବାରାତ ଭଳି ଧାର୍ମିକ ଉତ୍ସବରେ ବାଣର ବ୍ୟବହାର ହେଉଥିବା ଇତିହାସରେ ବର୍ଣ୍ଣିତ ହୋଇଛି । ଏବେ ଦୀପାବଳିରେ ଭାରତରେ ଯେଉଁ ବାଣ ଫୁଟାଯାଉଛି ତାହାର ଆରମ୍ଭ ମୋଗଲ ସାମ୍ରାଜ୍ୟରେ ହୋଇଥିଲା ।





ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଅବଧ ନବାବ ୱଜୀର(ଅୱଧର  ଶାସକ ଯେ କି ମୋଗଲ ସାମ୍ରାଜ୍ୟର ୱଜିର ବା ପ୍ରଧାନମନ୍ତ୍ରୀ ପଦରେ ବି ରହୁଥିଲେ) ଓ ବେଙ୍ଗଲର ନବାବ ଦିପାବଳି ଓ ଦୁର୍ଗାପୂଜାରେ ଦୀପ ଜାଳିବା ସହ ଖୁବ୍ ବଡ଼ ଧରଣର ଆତସବାଜି କରୁଥିଲେ । ସ୍କୋଫିଲ୍ଡ କୁହନ୍ତି ଅଷ୍ଟାଦଶ ଶତାବ୍ଦୀର ଶେଷବେଳକୁ ଦୀପାବଳିରେ ବାଣ ଫୁଟାଇବା ପ୍ରଥା ପାଲଟିଗଲା । ଲକ୍ଷ୍ନୌର ନବାବୀ ପେଣ୍ଟିଂରେ ଦୀପାବଳି ଦିନ ଓ ୟୁରୋପୀୟ ପେଣ୍ଟିଂରେ ମୁର୍ଶିଦାବାଦ ଏବଂ କଲିକତାରେ ଦୁର୍ଗାପୂଜା ଅବସରରେ ବାଣ ଫୁଟାଯାଉଥିବା ଦୃଶ୍ୟ ଦେଖିବାକୁ ମିଳେ । ଭାରତରେ ପ୍ରଥମ ବାଣ ତିଆରି ଫ୍ୟାକ୍ଟ୍ରି ଊନବିଂଶ ଶତାବ୍ଦୀରେ ଗୋପାଳ ମହିନ୍ଦ୍ରମ୍ ନାମକ ବ୍ୟକ୍ତି କଲିକତାରେ ସ୍ଥାପିତ କରିଥିଲେ ।

# ଫୁଟବଲ୍ ଚେୟାର୍

ଫୁଟବଲ୍ ଏକ ଯୋଶ୍‌ଭରା ଖେଳ, ଯାହାକୁ ଫୁଲ୍ ଏନର୍ଜିରେ ଖେଳିବାକୁ ହୁଏ । ଆରମ୍ଭରୁ ଶେଷଯାଏ ଖେଳାଳିଙ୍କୁ ଦୌଡ଼ିବାକୁ ପଡ଼େ । ହେଲେ ଯେଉଁମାନେ ଅଳସୁଆ ସେମାନେ କେମିତି ବା ଏହି ଖେଳ ଖେଳିବେ ? ସେମାନଙ୍କ ପାଇଁ ଆସିଯାଇଛି ଫୁଟବଲ୍ ଚେୟାର । ଏ ହେଉଛି ଏମିତି ଏକ ଚେୟାର, ଯେଉଁଥିରେ ବସି ବସି ଫୁଟବଲ୍ ଖେଳି ହେବ । ଏଥିରେ ଆଦୌ ଯୋଶ୍‌ର ଆବଶ୍ୟକତା ପଡ଼ିବ ନାହିଁ । ଦୁଇଜଣ ଖେଳାଳି ଉକ୍ତ ଚେୟାରରେ ମୁହାଁମୁହିଁ ବସିବେ, ଯାହାର ତଳଭାଗରେ ଥାଏ ଗୋଲପୋଷ୍ଟ । ମଝିରେ ରହିବ ଫୁଟବଲ । ଚେୟାର ଉପରେ ବସି ବସି ହିଁ ଖେଳାଳିଙ୍କୁ ସେହି ବଲ୍‌କୁ ଗୋଡ଼ରେ ମାରିବାକୁ ହେବ ଓ ବିପରୀତ ପଟର ଚେୟାର ତଳେ ଥିବା ଗୋଲପୋଷ୍ଟରେ ବଲ୍‌କୁ ପକାଇବାକୁ ହେବ । ଏମିତିଭାବେ ଅଳସୁଆ ବ୍ୟକ୍ତିଙ୍କର ଫୁଟବଲ ଖେଳିବାର ଇଚ୍ଛା ଏହି ଚେୟାର ପୂରଣ କରିବ । ଉକ୍ତ ଚେୟାରକୁ ଡିଜାଇନ୍ କରିଛନ୍ତି ଇମାନୁଏଲ ମାଗିନି ।





**କଥା ଚାଟ୍**

ଶ୍ରୀମାନ୍ ସର୍ବଗିଳା

# ପ୍ରଶଂସାର ପରିଣାମ

ମୋର ଜଣେ ବୟସ୍କା-ପିଉସୀ ଏମିତି ଯେ, ଯିଏ ଜୀବନରେ ପଇସା, ପଦାର୍ଥ, ଆଉ ଭଲ ପଡ଼ୋଶୀ ଖୋଜି ହୁଅନ୍ତି। ହେଲେ ସେଇ ପଡ଼ୋଶୀଙ୍କୁ ବେଶି ଭଲପାଆନ୍ତି, ଯାହା ସହ କଜିଆ କଲେ-ଭାରି ଶାନ୍ତି ଲାଗେ। ସେ ବହୁତ ଭଲ। ବିନା ସ୍ୱାର୍ଥରେ କାହାକୁ ନିଜ ଦେହର ମଳି-ଧୂଳି କି ରୋଗବଇରାଗ ବି ଉଧାର ଦିଅନ୍ତିନି। ସମ୍ପତ୍ତିବାଡି ଢେଏରେ। ପୁଅ-ପୁତୁରାଙ୍କୁ ପୁଳାଏ। ମାତ୍ର କିଏ ଯେବେ କ'ଣ ଟିକେ ମାଗିଦେଲେ, ସିଧା ମୁହଁ ଆଡେଇ ପଳାନ୍ତି। ସେଇ ପିଉସୀ ଘର ଅଗଣାରେ ବଡ଼ ପିଜୁଳି ଗଛ। ଗଛରେ ଅଧିକାଂଶ ଦିନ ସୁଆଦିଆ ପାଚିଲା ବଡ଼ ପିଜୁଳି ଭର୍ତ୍ତି। ବାଡ଼ିରେ ଲେମ୍ବୁ, କମଳା, ସପେଟା, ଆତ, ଆମ୍ବ ଗଛରେ ଗଛେ ଫଳ। କିନ୍ତୁ ବିନା ପଇସାରେ ନିଜ ପତି, ମାନେ ଆମ ପିଉସାଙ୍କୁ ବି ଗୋଟେ କୋଉଦିନ ସରାଗରେ ଦେବାର ମୁଁ ଜାଣିନି। ବିଚାର ଉତ୍ତମ। ଯୁଇ, ଯାଇ, ହେନା, ଟଗର, ତମାଳ, ମନ୍ଦାର, ଚମ୍ପା, ମଲ୍ଲୀ ଫୁଲଗଛରେ ଭରିଥାଏ ବଗିଚା। ଯେଉଁ ଫୁଲ ଫୁଟି, ଗାଆଁ ଗୋଟାକ ମହକାଉ ଥାଏ। ପଡୋଶୀ, ତା'ବାଡ଼ିରେ ପଶି କେବେ ଫୁଲ ନେବାର ସାହସ ସିନା କରିନାହାନ୍ତି, ମାତ୍ର ମାଗଣା ବାସନା ଶୁଙ୍ଘିଯାଉ ଥିବାରୁ, ମଝିରେ ମଝିରେ ଗାଳି ବିନିମୟ ହୁଏ। ଯଦି କେହି କେବେ କିଛି ମାଗିଦିଏ, ତେବେ ପିଉସୀ ସେଇ ଯୁଇଫୁଲ ଗଛମୂଳେ ଠିଆ ଠିଆ ମାଗନ୍ତାଙ୍କୁ ଜିଅନ୍ତା ମଶାଣି କୁଇରେ ଶୁଆଇ ଦିଏ, ସୁମଧୁର କଣ୍ଠକରୁ ଗାଳି-ମନ୍ତ୍ର ଗାନରେ। ତାଙ୍କ ଚଉଦ ପୁରୁଷ ଉଖୁଳେ। ଯିଏ ପଇସା ଦିଏ, ପିଉସୀ ଖୁସିହୋଇ ହସେ। ଲୋଭ ନ କରି ଦଶ ଟଙ୍କାରେ ତିନୋଟି ଜାଗାରେ ଦୁଇଟା ଫଳ ଦେଇ, ସନ୍ତୁଷ୍ଟ କରେ କଥାରେ। କହେ, ତମେ ବୋଲି ମୁଁ ଗୋଟେ ନ ଦେଇ ଦୁଇଟା ଦେଲି। ସେ ଭାରି ଭଲବୋଲି, ମୋ' ଛଡ଼ା ଆଉ କେହି ଜାଣନ୍ତିନି। କାରଣ ମୁଁ ଗଲେ କି ମୋ ସାଙ୍ଗରେ କିଏ ଥିଲେ, ପିଉସୀ-ନାନୀ ଲୋଭ କ'ଣ ଜାଣେନି। ମାଗିବା ଆଗରୁ କଣ୍ଟି-କାଣ୍ଟି ନ ହେଇ, ସବୁ ଅଣ୍ଟି ଭରି ଦିଏ, ତଣ୍ଟିଯାଏଁ ଗିଳାଏ। ତା'ର ଖାଣ୍ଟି ଦାନୀପଣ ଭଲପାଇବା ଉଛୁଳି ଆସେ। ମୋତେ ଏମିତି ଦେଉଥିବା.. ଭଲ ପାଉଥିବା ଅନ୍ୟ ପୁଅ-ପୁତୁରାମାନେ ଦେଖି, ଆଉ ଲୋକେ ଶୁଣି, ତାଜୁବ ହୁଅନ୍ତି। କହନ୍ତି ମୁଁ ଏମିତି କି ମନ୍ତ୍ର ଜାଣେ ଯେ, ଯିଏ ମାଗଣାରେ ଏତେ ଫାଇଦା ଉଠାଉଛି ! ଆଜ୍ଞା, ସେଇ ଗୁପ୍ତ ରହସ୍ୟ କହିବି, ଆପଣ ଧୈର୍ଯ୍ୟ ଧରନ୍ତୁ... ଅପେକ୍ଷା କରନ୍ତୁ... ଆଗକୁ ପଢ଼ନ୍ତୁ।

ଆଉ ଗୋଟେ କଥା ହେଲା, ପ୍ରଣତି-ଭାଉଜ ଯେଉଁଦିନ ପର୍ଶୁ-ଭାଇଙ୍କୁ ପତି-ପରମେଶ୍ୱର କହି-ମଥା ନୁଆଇଁ-ପ୍ରଣାମ କରନ୍ତି, 'ତମପରି ଭଲପତି ଆଉକେହି ନାହାନ୍ତି'-କୁହନ୍ତି, ପିଆଜି ପକୁଡି ଛାଣି ଖୁଆନ୍ତି, ସେଇଦିନ ଭାଇ ଯେ ନିଶ୍ଚୟ ଅଧିକ ଖର୍ଚ୍ଚାନ୍ତ ହେବେ, ବେଶି ପରିଶ୍ରମ କରିବେ ବୋଲି ସିନା ବୁଝିପାରନ୍ତି , ହେଲେ ପ୍ରଶଂସାର ଔଷଧ ଏତେ ଶକ୍ତ ଯେ, ଜାଣି ମଧ ଭାଉଜ ଅଳିକରୁଥିବା କଥା ଅବଶ୍ୟ ପାଳନ୍ତି, ବଜାର ବୁଲେଇ ଶାଢ଼ି, ସୁନା କିଣେଇ, ଅନ୍ତର ପୋଡୁଥିଲେ ବି ଉପରେ ହସୁ ଥାଆନ୍ତି। ଠିକ୍ ସେମିତି ଭାଇ ଯେବେ ଭାଉଜଙ୍କୁ କହନ୍ତି.. ଆହା, ତୁମପରି ସୁନ୍ଦରୀ ଜଗତରେ ଜନମି ଥିବାର ମୁଁ ଜାଣିନି। କଲେଜରେ ସିନା ପ୍ରିୟତମା ଦାସ କଲେଜ କୁଇନ ବୋଲି ପ୍ରାଇଜ ପାଇଲା, ହେଲେ ବିଚାର କରୁଥିବା ଲୋକଙ୍କ ଆଖି ଖରାପ ଥିଲା। ନ'ହେଲେ ସେଇ ସମ୍ମାନ ପ୍ରିୟତମା ନୁହଁ ବରଂ ପ୍ରଣତି ପାଇବାର ଯୋଗ୍ୟ ଅଧିକାରିଣୀ ଥିଲେ। ସିଏ ସିନା ସଫା ଗୋରୀ, ମାତ୍ର ମୋ'ଆଖିରେ ପାଟି-ବାଦେରୀ। ତମେ ବର୍ଣ୍ଣରେ କଳା, ମାତ୍ର ମୁଁ ଆବିଷ୍କାର କରିଛି କୋଇଲିର ସୁମଧୁର ସ୍ୱର, କୋଇଲା ଭିତରେ ପାଇଛି ହୀରାର ସନ୍ଧାନ। ସେଇଥିପାଇଁ କାହା କଥା ନ ଶୁଣି ତମକୁ ବାହା ହେଲି। ଏଇକଥା ଶୁଣୁଶୁଣୁ, ଭାଉଜଙ୍କର ଜ୍ୱର ବାହାନା ପଳାଏ, ଶେଯରୁ ଝଟଟ ଉଠି, କାମ ପାଇଟି ସାରି, ସୁଆଦିଆ ନଅ ତିଅଣ ଛଅ ଭଜା ରୋଷେଇ କରି, ଖୁଆଇ ପିଆଇ ପିଲାଙ୍କୁ ସ୍କୁଲରେ ଛାଡ଼ିବାକୁ ଆଣିବାକୁ ଆଗୁଆ ବାହାରି ପଡ଼ନ୍ତି। ବଜାର ସଉଦା ପରିବା ନିଜ ହାତରୁ ଖର୍ଚ୍ଚକରି କିଣି ଆଣନ୍ତି।



ପାଠକେ ଆଜ୍ଞା, ଏବେ ଜ୍ଞାନ ପାଇଯାଇଥିବେ ଭାବୁଛି। ଏଇମିତି ଧି-ମନ୍ତ୍ର-କାର୍ଯ୍ୟ ବଳେ, ମୋ'ପିଉସୀଠାରୁ ମୁଁ ଫାଇଦା ହାସଲ କରେ। ଗୋଟେ ଦିନର ଉଦାହରଣ ନ ଦେଇ ରହିପାରୁନି। ଥରେ ମୋ'ସାଙ୍ଗ ଖଗାକୁ ନେଇ, ପିଉସୀର ଦାନୀ ପଣିଆ ପରୀକ୍ଷା କରି ଦେଖେଇବାକୁ ଗଲି। ବାଟରେ କେମିତି କ'ଣ କରିବ, କ'ଣ କହିବ ଭଲରେ ଟ୍ରେନିଂ ଦେଇ ପହଞ୍ଚିଲି। ସିଧା ଯାଇ ଉଭୟେ ପିଉସୀ ଦୁଇ ପାଦକୁ ଧରି ଆଖିରୁ ଲୁହ ନିଗାଡ଼ି କହିଲି.. ନାନୀ ଲୋ ! କାଲି ରାତିରେ ତତେ ସପନ ଦେଖି ଆଜି ଧାଇଁଛି-ତୋର ଦେହ ଭାରି ଖରାପ ଦେଖି। ଆସିବା ବେଳକୁ ବାପା ତାଙ୍କ ବାଇକ ନେଇ ବଜାରକୁ ଚାଲିଗଲେ। ଆଉ ଖପା ନ ହେଇ, ଖଗା ଗାଡ଼ିରେ ତେଲ ପକେଇ ଆସିଲି। ତତେ ନ ଦେଖିଲା ଯାଏଁ କିଛି ଖାଇବିନି କି ପାଣି ଟୋପେ ପିଇବିନି ବୋଲି ସଂକଳ୍ପ କରି ଖରାରେ ଧାଇଁଚି। ତୁ' କହ, ତୋ'ପୁତୁରାକୁ କେତେ ଭଲପାଉ। ତତେ ନ ଦେଖି ଧୈର୍ଯ୍ୟ ଧରି ରହି ପାରିଲିନି। କଥାରେ ପରା ଅଛି... ମା' ନ ଥିବ ମାଉସୀ ଥିବ, ପିତା ନ ଥିଲେ ପିଉସୀ ଥିବ। ତୁ' ମୋ' ବାପାଙ୍କଠୁ ବଡ଼.. ବୟସରେ, ଜ୍ଞାନରେ.. ବୁଦ୍ଧିରେ, ବିବେକରେ। ଏଇ ବେଳରେ ପୂର୍ବ ଯୋଜନା ମୁତାବକ ଖଗାକୁ ବହେ ଗାଳି ଦେଇ କହିଲି,.. କିରେ, ତୁ' ମୋ' ସାଙ୍ଗରେ ଆସି, ମୋ ପିଉସୀ-ନାନୀ ପିଜୁଳି ଗଛକୁ କାହିଁକି ଆଖି ପକାଉଛୁ ? ନାନୀ ମୋର କେତେ ଯତନରେ ପିଜୁଳି ଗଛକୁ ପୁଅ ଭଳିଆ ପାଳିଛି। ଜୀବନଠୁ ବେଶି ଫଳ ବଗିଚାକୁ ଭଲ ପାଉଛି। ତୋର ଯେବେ ଖାଇବାକୁ ମନ, ତେବେ ମୋ'କାନରେ କହିଥାନ୍ତୁ କି ମାଗିଥାଆନ୍ତୁ। ନ'ହେଲେ ଟଙ୍କା ଦଶଟା ଧରେଇ କିଣିବାକୁ କହିଥିଲେ, କ'ଣ ନାନୀ ମନା କରି ଥାଆନ୍ତା ! ସେ' ଯେମିତି କା, ଦୁଇଟା ଜାଗାରେ ଆଠଟା ଦେଇ ଦିଅନ୍ତା। ସେମିତି ଆଖି ପକେଇଲେ, ତୁ କେବେ ଆଉ ମୋ' ସାଙ୍ଗରେ କୋଉଠିକି ଯିବୁନୁ.. କହିଦେଉଛି। ଏତିକି ଗାଳି ଦେଉଦେଉ, ନାନୀ ଯାଇ ତା'କାନିରେ ପିଜୁଳି, ଆତ, କମଳା ଆଣି କୁଢ଼େଇ ଦେଲା। ଖଗା ସହ ମୁଁ ବି ଲୋକଙ୍କୁ ଗାଳିଦେଇ କହିଲି.. ଯିଏ ତୋ'ପରି ନିର୍ଲୋଭୀକୁ ନିନ୍ଦିବ, ସେଇ ଲୋକଙ୍କ ମୁହଁରେ ପୋକ ପଡ଼ିବ, ତାଙ୍କର ନରକ ଗତି ହେବ। ଖଗା କହିଲା, ଲୋକେ ନ ଜାଣି ନିନ୍ଦା କରନ୍ତି। ତୁମପରି ସୁନ୍ଦରୀ ଗୁଣର ଦାନଶୀଳା ମୁଁ ଆଜିଯାଏ ଦେଖିନି.. ଇତ୍ୟାଦି। ତା'ପରେ, ନାନୀ କି ଆଉ ସେମିତି ଛାଡ଼େ ? ଆମକୁ ରାନ୍ଧି ପେଟେ ଖୁନ୍ଦିଖାନ୍ଦି ଖୁଆଇ ଛାଡ଼ିଲା।

ଏଇ ପ୍ରଶଂସାର କରାମତି, ଆଉ ଅନ୍ୟଙ୍କୁ ନିନ୍ଦିବାର ଶକ୍ତି, କେବଳ ପିଉସୀ କି ପର୍ଶୁ-ଭାଇ, ପ୍ରଣତି-ଭାଉଜ ଭଳିଆ ଲୋକେ ପ୍ରଭାବିତ ହୁଅନ୍ତି ନାହିଁ, ବରଂ ଆଛା ଆଛା ବିଜ୍ଞଜନଙ୍କର ବି ବୁଦ୍ଧି ହଜେଇ ଦିଏ। ଏଇ ପ୍ରଶଂସାରେ କାହାର ଲାଭ ହେଲାବେଳେ, ଆଉ କିଏ ମୋହରେ ପଡ଼େ। ଅଜାଗା' ଘାଆ ଦେଖି ହୁଏନି କି ଦେଖେଇ ହୁଏନି ସିନା, ମାତ୍ର ଭିତରେ ଭାରି ପୋଡ଼େ। ଯେମିତି ପାକିସ୍ତାନ, ଭାରତକୁ ଗାଳିଦେଇ ନିନ୍ଦାକରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଟ୍ରକ ଟ୍ରକ ପ୍ରଶଂସାରେ ପୋତି, ଶାନ୍ତି ଦୂତ ସମ୍ବୋଧନ କରି, ନିଜ ଫାଇଦା ହାସଲ କଲାବେଳେ, ଯେମିତି ଆପଣ ନ କହନ୍ତି 'ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ମନ' ! କାରଣ ମହାଜ୍ଞାନୀ ଟ୍ରମ୍ପ ସାହେବ,.. ପାକିସ୍ତାନ ପ୍ରଶଂସାର-ପଙ୍କରେ ଫୁଲି ଭାବୁଥିଲେ ଶାନ୍ତିର ନୋବେଲ ପ୍ରାଇଜ ପାଇବାକୁ ଆଉ ଚାରି ଆଙ୍ଗୁଳି ମାତ୍ର ଦୂରରେ ଅଛନ୍ତି। ଦିନେ ଯିଏ ଭାରତଠାରୁ କରୋନା ଭଳିଆ କାଳରେ ସାହାଯ୍ୟ ପାଇ ପ୍ରକୃତ ବନ୍ଧୁ ବିଚାରୁଥିଲା, ଆଜି ଶତ୍ରୁ ଭାବି ବସିଛନ୍ତି। ତେବେ ଆପଣ କହୁନାହାନ୍ତି...'ନିଜ ପ୍ରଶଂସା' ଓ 'ଅନ୍ୟର ନିନ୍ଦା-ଗାଳି' ଶୁଣିବାକୁ ଭଲ ପାଉଥିବା, ପ୍ରଣତି-ଭାଉଜ, ପର୍ଶୁ-ଭାଇ, ମୋ' ପିଉସୀ ଆଉ ଆମେରିକା ରାଷ୍ଟ୍ରପତି-ଟ୍ରମ୍ପଙ୍କ ଭିତରେ କେତେ ଆଉ ଫରକ ?

-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭


## ପୁସ୍ତକ ସମୀକ୍ଷା

### ମାୟାବିନୀ

(୫ଟି ଉପନ୍ୟାସିକା) ଭାନୁମତୀ ସାହୁ

ପ୍ରକାଶକ- ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ- ୨୫୦ଟଙ୍କା।

ମାୟାବିନୀ ଭାନୁମତୀ ସାହୁଙ୍କ ଭିନ୍ନସ୍ୱାଦର ଉପନ୍ୟାସିକା। ପୁସ୍ତକରେ ୫ଟି ଉପନ୍ୟାସିକା ରହିଛି। ସେଥିରୁ ମାୟାବିନୀ, ଅପଣାପଣର ବିଷାଦ, ନୂତନ ଆଗନ୍ତୁକ, ଅବୁଝା ରାସ୍ତା ଓ ଶେଷ ଯାତ୍ରାର ଯାତ୍ରୀଟିଏ ଅନ୍ୟତମ। କିନ୍ତୁ ମାୟାବିନୀ ନାଁରେ ନାମକରଣ କରାଯାଇଛି। ସୀମା ଓ କିଶୋରଙ୍କ ଚରିତ୍ରକୁ ଏଥିରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଭୁବନେଶ୍ୱର ବାସ୍ନାରେ ବିମୋହିତ ହୋଇପଡୁଥିଲା ସୀମା । କେବେ ଦେଖିନି ରାଜଧାନୀର ରୂପରେଖ । ଶୁଣିଛି ରାସ୍ତାସବୁ କଂକ୍ରିଟ୍ । ଉଚ୍ଚ ଉଚ୍ଚ ମହଲା କୋଠା ୨୪ ମହଲା ଟପି ଗଲାଣି । ଏତେବଡ ଘର ଭିତରେ ଶହ ଶହ ଲୋକଙ୍କ ନିବାସ । ସେଠି ୫ ଟଙ୍କାରେ ଖାଦ୍ୟ ମିଳେ। ସେଠି ସବୁବେଳେ ଚଳଚଞ୍ଚଳ ପରିବେଶ । ଶିକ୍ଷା ସ୍ୱାସ୍ଥ୍ୟ ସବୁ ସୁବିଧା ଲାଗି ବଡବଡ ଅନୁଷ୍ଠାନ ଓ ନର୍ସିଂହୋମ୍ । ସେଠି କିଏ ଉପାସ ରହିବେନି । ହାତ ପତେଇଲେ କାମ ମିଳିବ । ପେଟ ଅପୋଷା ରହିବନି । ବଡବଡ ଲୋକଙ୍କ ଆତଯାତ । ଟ୍ରେନ୍, ଉଡାଜାହାଜ ଆଦିର ଚଳାଚଳ ଆଦି ବିଷୟରେ ଉପନ୍ୟାସିକା ସାହୁ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ପୁସ୍ତକଟି ନିଶ୍ଚୟ ସୁଖପାଠ୍ୟ ହେବ ଏଥିରେ ସନ୍ଦେହ ନାହିଁ।





### ସନାତନ ଧର୍ମ

ଓଡ଼ିଆ ଅନୁବାଦ କିଶୋର ଚନ୍ଦ୍ର ପଟ୍ଟନାୟକ

ପ୍ରକାଶକ- ବିନୋଦ ବିହାରୀ ବିଷୋଇ, ଜ୍ଞାନଯୁଗ ପବ୍ଲିକେଶନ୍, ଆଇଆରସି ଭିଲେଜ, ଭୁବନେଶ୍ୱର-୧୫, ମୂଲ୍ୟ-୩୭୦ଟଙ୍କା

ସନାତନ ଧର୍ମ ପୁସ୍ତକ ଅନୁବାଦ କରିଛନ୍ତି କିଶୋର ଚନ୍ଦ୍ର ପଟ୍ଟନାୟକ । ଏଥିରେ ପ୍ରଥମ ଖଣ୍ଡ, ଦ୍ୱିତୀୟ ଖଣ୍ଡ ଓ ତୃତୀୟ ଖଣ୍ଡ ରହିଛି। ସନାତନ ଧର୍ମ କହିଲେ ସାଧାରଣ ଭାବେ କୁହାଯାଏ, ଯାହା ଜୀବସତ୍ତାମାନଙ୍କର ବା ସେମାନଙ୍କ ପାଇଁ ଚିରନ୍ତନ ଧର୍ମ ଅଟେ। ଜୀବସତ୍ତା କହିଲେ ଯାହା ମନୁଷ୍ୟକୁ ଅର୍ଥକରେ, କାରଣ ସେ ହେଉଛି ଏକମାତ୍ର ଜୀବନ୍ତ ସତ୍ତା, ସ୍ରଷ୍ଟା ବା ଈଶ୍ୱରଙ୍କ ଦ୍ୱାରା ଗଠିତ ଭଲମନ୍ଦ ବିବେକ ବିଚାର ଦ୍ୱାରା ଭୂଷିତ ହୋଇଛି। ଅନେକ ଏହି ସନାତନ ଧର୍ମକୁ ହିନ୍ଦୁ ଧର୍ମ ବୋଲି କହିଥାଆନ୍ତି ବା ଭାବି ଥାଆନ୍ତି। ଏପରି ଭାବଧାରା ଏହାକୁ ସଂକୀର୍ଣ୍ଣ ଗୁଣବତ୍ତା ପ୍ରଦାନ କରିପାରେ। ଏହା କେବଳ ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ବା ଉପଯୋଗୀ ଅଟେ। ସନାତନ ଧର୍ମ କହେ ଯେ, ସମଗ୍ର ଜଗତ, ବ୍ୟବସ୍ଥିତ ବିଶ୍ୱ ତଥା ଚଉଦ ବ୍ରହ୍ମାଣ୍ଡ ତଥା ଅନ୍ୟସବୁକିଛି କେବଳ ଏକମାତ୍ର ସ୍ଥିତି ବା ସତ୍ତା ଅଟେ। ପୁସ୍ତକର ଅନୁବାଦ ଅତ୍ୟନ୍ତ ଉଚ୍ଚକୋଟିର। ଆଶା ପୁସ୍ତକଟି ପାଠକୀୟତା ଲାଭ କରିବ।




### ପ୍ରିୟତମ ପ୍ରଭୁ

ବଦ୍ରୀ ମହାନ୍ତି, ପ୍ରକାଶକ- ଗାୟତ୍ରୀ, ବଡଗଡ, ଭୁବନେଶ୍ୱର-୧୮, ମୂଲ୍ୟ- ୧୯୫ ଟଙ୍କା

ଏଥିରେ ମହାପ୍ରଭୁଙ୍କ ବିଭିନ୍ନ ଲୀଳାକୁ ୧୭ଟି ବିଷୟରେ ବର୍ଣ୍ଣନା କରାଯାଇଛି। ପୁସ୍ତକରେ ମହାବାହୁଙ୍କ ରୂପ କଳ୍ପନାଠାରୁ ଆରମ୍ଭକରି ଭବ୍ୟ ଓ ଦିବ୍ୟତାର ମୋ ମାଟି ଆଦି ବିଷୟରେ ଆଲୋଚନା ହୋଇଛି। ଭାରତର ୪ ଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମ ବିଶ୍ୱ ବ୍ରହ୍ମାଣ୍ଡରେ ଅଲୌକିକ ଭାବ ସୃଷ୍ଟିକରି ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏ କ୍ଷେତ୍ରକୁ ଟାଣି ଆଣିଛି। ଶଙ୍ଖକ୍ଷେତ୍ରର ଅପରୂପ ସୌନ୍ଦର୍ଯ୍ୟ, ମହୋଦଧିର ଆକର୍ଷଣ ଭକ୍ତଙ୍କୁ ଟାଣି ଆଣୁଛି। ସମ୍ପ୍ରତି ରତ୍ନସିଂହାସନରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ ଓ ମାଧବ ୭ ବିଗ୍ରହ ପ୍ରତିଷ୍ଠିତ ଓ ପୂଜିତ। ହଜାର ହଜାର ବର୍ଷ ଧରି ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଓଡ଼ିଆ ଜନ ଜୀବନର ବିଦ୍ୟ ଚେତନାକୁ କିପରି ଆଚ୍ଛାଦିତ କରି ରଖିଛି ତାର ସ୍ଥୂଳ ପରିପ୍ରକାଶ ପ୍ରିୟତମ ପ୍ରଭୁ। ଅଧ୍ୟାତ୍ମିକ ଚିନ୍ତନର ପୃଷ୍ଠଭୂମିରେ ଆବେଗ ଓ ଭାବ ଭାବନାର ଆଲୋଚନା ପାଠକଙ୍କୁ ଆନନ୍ଦ ଦେବ ବୋଲି ଆଶା ଓ ବିଶ୍ୱାସ ।



ବ୍ୟାକ୍ ପେଜ୍

# ସୁନାର ପଦ୍ମ

ପଦ୍ମ କେବଳ ତା'ର ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ମତୁଆଲା କରେ ସେକଥା ନୁହଁ, ଏହାକୁ ସମୃଦ୍ଧିର ପ୍ରତିକ ବୋଲି ବି ଗଣନା କରାଯାଏ। କାରଣ ପଦ୍ମ ହେଉଛି ମା' ଲକ୍ଷ୍ମୀଙ୍କର ପ୍ରିୟ ଫୁଲ। ହିନ୍ଦୁ ଧର୍ମର ବିଭିନ୍ନ ପୂଜାପର୍ବରେ ମା' ଲକ୍ଷ୍ମୀଙ୍କୁ ପଦ୍ମ ସମର୍ପଣ କଲେ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ଚାଇନା, ମକାଉର ଏକ ଖୋଲା ଚାରିଛକିଆ ସ୍ଥାନରେ ଦେଖିବାକୁ ମିଳେ ପଦ୍ମଫୁଲର ଏକ ବିରାଟ ପ୍ରତିମୂର୍ତ୍ତି, ଯାହାକି ଦେଖିବାକୁ ଖୁବ୍ ସୁନ୍ଦର ଓ ସୁବର୍ଣ୍ଣ ରଙ୍ଗର। କଂସା ଉପରେ



ସୁନାର ଛାଉଣି ହୋଇଥିବା ଏହି ପଦ୍ମ ଫୁଲଟି 'ଲୋଟସ୍ ଫ୍ଲାୱାର ଇନ୍ ଫୁଲ ବ୍ଲୁମ୍'ନାମରେ ପରିଚିତ। ଉକ୍ତ ଚାରିଛକ ଗୋଲ୍ଡେନ ଲୋଟସ୍ ସ୍କୋୟାର୍ ଭାବେ ବି ଜଣାଶୁଣା। ଏହାର ଓଜନ ୬.୫ ଟନ୍, ଉଚ୍ଚତା ୬ ମିଟର ଓ ବ୍ୟାସ ୩.୬ ମିଟର। ପୂର୍ଣ୍ଣରୂପରେ ଫୁଟିଥିବା ଏହି ପଦ୍ମଫୁଲର ସ୍ଥାପତ୍ୟ ହେଉଛି ମକାଉର ଚିରସ୍ଥାୟୀ ସମୃଦ୍ଧିର ପ୍ରତୀକ। ଏହି ସ୍ଥାପତ୍ୟର ମୁଖ୍ୟ ଅଂଶଗୁଡିକ ହେଉଛି ନାଡ, ପଦ୍ମ ଫୁଲର ପାଖୁଡା ଓ କେଶର। ଫୁଲଟି ୨୩ ଖଣ୍ଡ ଲାଲ ଗ୍ରାନାଇଟ୍ ପଥରରେ ତିଆରି। ପଦ୍ମ ଫୁଲର ଏହି ପ୍ରତିମୂର୍ତ୍ତିକୁ ପୃଥିବୀର ସବୁଠାରୁ ବଡ଼ ପଦ୍ମ ଫୁଲର ମୂର୍ତ୍ତିଭାବେ ଗଣନା କରାଯାଏ।



# ହବିହର୍ଷ





ଘୋଡ଼ା ଉପରେ ବସି ଅଶ୍ୱାରୋହୀଙ୍କୁ ଅଶ୍ୱାରୋହ ପ୍ରତିଯୋଗିତାରେ ଭାଗ ନେଉଥିବା ଦେଖିଥିବେ। ହେଲେ ଘୋଡ଼ାର ମୁଣ୍ଡ ଲଗାଯାଇଥିବା ଏକ ଲମ୍ବା ବାଡ଼ିକୁ ପ୍ରତୀକାତ୍ମକ ଘୋଡ଼ାଭାବେ ଧରି ଜଣେ ମଣିଷ ଘୋଡ଼ା ଭଳି ଦୌଡ଼ିବା କେବେ ଦେଖିଛନ୍ତି ? ଭାବୁଥିବେ ଏମିତି ପୁଣି କେଉଁଠି ହେଉଛି ? ପ୍ରକୃତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ ଫିନଲାଣ୍ଡରେ। ଏଠି ହବିହର୍ଷିଂ ନାମକ ଏକ ପ୍ରତିଯୋଗିତାର ଆୟୋଜନ କରାଯାଏ। ଯେଉଁଥିରେ ପ୍ରତିଯୋଗୀମାନେ ସଫ୍ଟ ହର୍ଷହେଡ୍‌କୁ ପ୍ରତିକାତ୍ମକ ଘୋଡ଼ାଭାବେ ହାତରେ ଧରି ଦୁଇ ଗୋଡ ମଝିରେ ରଖନ୍ତି। ଆଉ ନିଜେ ଘୋଡ଼ା ପରି ଦୌଡ଼ନ୍ତି ଓ ବିଭିନ୍ନ ହର୍ଡଲ୍ସ ଡିଅନ୍ତି। ଏହି ପ୍ରତିଯୋଗିତାରେ ୪ ଫୁଟ ୭ ଇଞ୍ଚର ହାଇ ହର୍ଷ ଜମ୍ପିଂ ରେକର୍ଡ ବି ହୋଇଛି। ଫିନଲାଣ୍ଡର ଏହି ଲୋକପ୍ରିୟ ଖେଳ ଏବେ ଧୀରେ ଧୀରେ ସ୍ୱୀଡେନ, ଜର୍ମାନୀ, ନେଦରଲାଣ୍ଡ ଓ ସୁଇଜରଲାଣ୍ଡରେ ବି ଲୋକପ୍ରିୟ ହେବାରେ ଲାଗିଛି।

# ଟଏଲେଟ୍ ପେପର୍ ଦାମରେ କିଣିପାରିବେ ହେଲିକପ୍ଟର

ଟଏଲେଟ୍ ପେପର୍‌ର ବ୍ୟବହାର କେଉଁଥିପାଇଁ ହୁଏ ତାହା ସମସ୍ତେ ଜାଣନ୍ତି। ଏହା ଏକ ବେଶ୍ ସାଧାରଣ ଜିନିଷ। ହେଲେ ଜାଣନ୍ତି କି ଏମିତି ବି ଏକ ଟଏଲେଟ୍ ପେପର୍ ଅଛି, ଯାହାର ଦାମ ଏତେ ଅଧିକ ଯେ ତା' ମୂଲ୍ୟରେ ଏକ ହେଲିକପ୍ଟର କିଣି ହୋଇଯିବ। ଭାବୁଥିବେ ଏହି ଟଏଲେଟ୍ ପେପର୍ ଏମିତି କ'ଣ କି? ପ୍ରକୃତ କଥା ହେଉଛି ଏହା ହେଉଛି ସୁନାର ଟଏଲେଟ୍ ପେପର୍। ଅଷ୍ଟ୍ରେଲିଆର ଏକ କମ୍ପାନୀ ଉକ୍ତ ଟଏଲେଟ୍ ପେପର୍‌କୁ ତିଆରି କରିଛି। କମ୍ପାନୀ ଏହାକୁ ୨୨ କ୍ୟାରେଟ୍ ସୁନାରେ ତିଆରି କରିଛି। ଏହାର ଗୋଟିଏ ରୋଲ୍‌ର ମୂଲ୍ୟରେ ଭାରତରେ ଏକ ଛୋଟ ହେଲିକପ୍ଟର କିଣି ହୋଇଯିବ। କାରଣ ଏହାର ମୂଲ୍ୟ ହେଉଛି ୧୦,୭୫,୪୫,୭୫୦ ଟଙ୍କା। ଏହା ସହ ଶ୍ୟାମ୍ପେନ ବୋତଲ ମାଗଣାରେ ଦିଆଯାଏ। କମ୍ପାନୀ ଅନୁଯାୟୀ ଏହି ଟଏଲେଟ୍ ପେପର୍ ବହୁତ ମୁଲାୟମ। ଏହାକୁ ବ୍ୟବହାର କରିବାବେଳେ ସୁନାର କଣିକା ଝଡ଼ିପଡ଼ିବ। ଆଉ ବ୍ୟବହାରକାରୀଙ୍କୁ ରାଜକୀୟ ଅନୁଭବ ହେବ।

